## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଟିଟିଲାଗଡ଼,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଟିଟିଲାଗଡ଼ ବ୍ଲକ ମନିଗାଁ ପଞ୍ଚାୟତ ନିକଟ ପାହାଡ଼ ତଟଦେଶରୁ ଶନିବାର ସକାଳେ ଜଣେ ଯୁବକଙ୍କ ମୃତଦେହ ଝୁଲନ୍ତା ମୃତଦେହ ସ୍ଥାନୀୟ ପୋଲିସ ଜବତ କରିଛି। ବଲାଙ୍ଗୀରରୁ ସାଇଣ୍ଟିଫିକ ଟିମ ଆସି ତଦନ୍ତ ଜାରି ରଖିଛନ୍ତି। ମୃତଦେହକୁ ଟିଟିଲାଗଡ ଡାକ୍ତରଖାନା ଶବାଗାରରେ ରଖାଯାଇଛି। ମୃତକଙ୍କ ପରିଚୟ ମିଳିନାହିଁ। ଏଥିପାଇଁ ଟିଟିଲାଗଡ଼ ଥାନା ପୋଲିସ ସୋସିଆଲ ମିଡ଼ିଆରେ ମୃତକଙ୍କ ଫଟୋ ଛାଡ଼ିଛି।

### ସଂକ୍ଷେପରେ

## କୃଷ୍ଣ ସଭାପତି, ମହେଶ ସମ୍ପାଦକ ନିର୍ବାଚିତ

**ଟିଟିଲାଗଡ଼ ଓକିଲ ସଂଘ ନିର୍ବାଚନ**

**ଟିଟିଲାଗଡ଼,୨୫।୩(ଡି.ଏନ.ଏ.):** ରାଜ୍ୟ ବାରକାଉନସିଲ ନିର୍ଦ୍ଦେଶକ୍ରମେ ଟିଟିଲାଗଡ଼ ଓକିଲ ସଂଘର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। କୃଷ୍ଣଚନ୍ଦ୍ର ସାହୁ ସଭାପତି, ମହେଶ ମହାନ୍ତି ସମ୍ପାଦକ, ମକରଧ୍ୱଜ ବାଗ ସହ ସମ୍ପାଦକ, ବେଦପ୍ରକାଶ ବେହେରା କୋଷାଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି। ସମସ୍ତ କାର୍ଯ୍ୟକାରୀ ସଦସ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ନିର୍ବାଚନକୁ ବରିଷ୍ଠ ଆଇନଜୀବୀ କିଶୋର ଚନ୍ଦ୍ର ପଣ୍ଡା ପରିଚାଳନା କରିଥିଲେ। ତାଙ୍କୁ ପ୍ରଫୁଲ୍ଲ କୁମାର ବିଶି, ସୁଶାନ୍ତ କୁମାର ମହାନ୍ତି ଓ ତନ୍ମୟ କୁମାର ଠାକୁର ସହଯୋଗ କରିଥିଲେ।

## ଲୋଇସିଂହା ଓକିଲ ସଂଘନିର୍ବାଚନ

**ରାଜକିଶୋର ସଭାପତି, ସଞ୍ଜୟ ସମ୍ପାଦକ**




**ଲୋଇସିଂହା,୨୫।୩(ଡି.ଏନ.ଏ):** ବଲଙ୍ଗୀର ଜିଲା ଲୋଇସିଂହା ଜେଏମଏଫସି ପରିସରସ୍ଥ ବାର ପରିସରରେ ଓକିଲ ସଂଘ ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ରାଜକିଶୋର ମିଶ୍ର ସଂଘ ସଭାପତି, ସଞ୍ଜୟ ଷଡଙ୍ଗୀ ସମ୍ପାଦକ, ପ୍ରଦୀପ କୁମାର ତ୍ରିପାଠୀ ଉପସଭାପତି ଭାବେ ନିର୍ବାଚିତ ହୋଇଥିଲେ। କୋଷାଧ୍ୟକ୍ଷଭାବେ ଜ୍ୟୋତିରଞ୍ଜନ ପଟେଲ, ସୁମନ୍ତ ସାହୁ ସହସମ୍ପାଦକ, ରଘୁମଣୀ ସେଠ ଲାଇବ୍ରେରୀ ସମ୍ପାଦକ ଭାବେ ସର୍ବସମ୍ମତିକ୍ରମେ ମନୋନୀତ ହୋଇଛନ୍ତି। ଉପଦେଷ୍ଟାଭାବେ ଦିଲୀପ କୁମାର ବେହେରା, ଆଶୋକ କୁମାର ସାହୁ, ରାଜେନ୍ଦ୍ର କୁମାର ନାଏକ, ଆଶିଷ ବାରିକ ରହିଛନ୍ତି। ବରିଷ୍ଠ ସଦସ୍ୟ ଶୋକ କୁମାର ସାହୁ ନିର୍ବାଚନ ଅଧିକାରୀ ଦାୟିତ୍ୱ ନିର୍ବାହ କରିଥିଲେ। ରାଜକିଶାର ମିଶ୍ର ତୃତୀୟ ଥର ପାଇଁ ସଂଘ ସଭାପତି ନିର୍ବାଚିତ ହୋଇଛନ୍ତି।

## ଓକିଲ ସଂଘ ନିର୍ବାଚନ

**ନର୍ଲା,୨୫।୩(ଡି.ଏନ.ଏ.):** କଳାହାଣ୍ଡି ଜିଲା ନର୍ଲା ଓକିଲ ସଂଘ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏହି ନିର୍ବାଚନରେ ସଭାପତି ଭାବେ ଚନ୍ଦ୍ରଶେଖର ଚାନ୍ଦ, ଉପସଭାପତି କୁବେର ଚନ୍ଦ୍ର ସାହୁ, ସଂପାଦକ ତୋଲେଶ୍ୱର ସାହୁ, ସହସଂପାଦକ ବିଭୂତି ଭୂଷଣ ବହିଦାର, କୋଷାଧକ୍ଷ କ୍ଷୀତିଶ କୁମାର ମହାପାତ୍ର ନିଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଭାବରେ ଯୁବରାଜ ହରିଜନ ନବନିର୍ବାଚିତ ପ୍ରତିନିଧିମାନଙ୍କୁ ଶପଥ ଗ୍ରହଣ କରାଇଥିଲେ। ଉକ୍ତ ନିର୍ବାଚନରେ ଓକିଲ ସଂଘର ୩୧ ଜଣ ସଦସ୍ୟ ଯୋଗ ଦେଇଥିଲେ। ଶପଥ ପାଠ ଉତ୍ସବରେ ଓକିଲ ସଂଘର ପ୍ରକାଶ ଚନ୍ଦ୍ର ସାହୁ, ମଳୟ ପଣ୍ଡା, ସଞ୍ଜୟ ଧଙ୍ଗଡାମାଝି, ନବୀନ କିଶୋର ସାହୁ, ବିଶ୍ୱରଞ୍ଜନ ଭୋଇ, ପୂର୍ଣ୍ଣଚନ୍ଦ୍ର ମାଝୀ, ପ୍ରଦୀପ ମିଶ୍ର, ସଞ୍ଜୟ ସାମନ୍ତରାୟ, ସରୋଜ ସାହୁ, ଗୌର ହରିଜନ ଓ ସଂଘମିତ୍ରା ସାହୁ ଉପସ୍ଥିତ ଥିଲେ।

## ମଦ ପିଇ ଗାଡ଼ି ଚଳାଇବା ମହଙ୍ଗା ପଡ଼ିଲା

- ପୁଣି ୩ ଜଣଙ୍କୁ କୋର୍ଟ ଚାଲାଣ
- ଆକ୍ସନ ମୁଡ଼ରେ ଜୁନାଗଡ଼ ପୋଲିସ

**ଜୁନାଗଡ,୨୫।୩(ଡି.ଏନ.ଏ.):** କଳାହାଣ୍ଡି ଜିଲା ଜୁନାଗଡ ପୋଲିସ ଏବେ ଆକ୍ସନ ମୁଡରେ ରହିଥିବା ଦେଖିବାକୁ ମିଳିଛି। ମଦ ପିଇ ଗାଡି ଚଳାଉଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଶନିବାର ପୁଣି ୩ ଜଣ ମଦ୍ୟପ ବ୍ୟକ୍ତିଙ୍କୁ ଧରାଯାଇଛି। ସେମାନେ ମଦ ପିଇ ଜୁନାଗଡ ସହରରେ ବାଇକ୍ ଚଳାଇଲା ବେଳେ ଧରା ପଡିବାରୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ପକ୍ଷରୁ ଏମଭିଆଇ ଗାଡି ଯାଞ୍ଚ ସମୟରେ ସେମାନଙ୍କୁ ଧରାଯାଇଥିଲା। ସେମାନେ ହେଲେ ଜୁନାଗଡ଼ ସହର ବଜାରପଡାର ଅଭିମନ୍ୟୁ ସେଠୀ, କେନ୍ଦୁପାଟିର କିଶାନ ବିଶ୍ୱାଳ ଓ ମନୋଜ କୁମାର ବିଶ୍ୱାଳ ବୋଲି ଜଣାପଡିଛି। ସେମାନଙ୍କଠାରୁ ତିନୋଟି ବାଇକ୍ ମଧ ଜବତ କରାଯାଇଛି। ଏ ନେଇ ପୋଲିସ ତିନୋଟି ମାମଲା ରୁଜୁ କରିଛି। ସୂଚନାଯୋଗ୍ୟ, ଗତ ୩ ଦିନ ମଧରେ ଏହି ମାମଲରେ ୬ ଜଣକୁ କୋର୍ଟ ଚାଲାଣ କରାଯାଇଛି।




କଣ୍ଟାବାଞ୍ଜି ସହରରେ ବନ୍ଦ ପାଳନ ବେଳେ ବାହାରିଥିବା ଶୋଭାଯାତ୍ରା।

**କଣ୍ଟାବାଞ୍ଜି ଜିଲା ଦାବି ପ୍ରସଙ୍ଗ**

## ବନ୍ଦକୁ ସ୍ୱତଃସ୍ଫୂର୍ତ୍ତ ସମର୍ଥନ

**କଣ୍ଟାବାଞ୍ଜି ୨୫।୩(ଡି.ଏନ.ଏ.)**

ଜିଲା ସଂଘର୍ଷ ସମିତି ଆହ୍ୱାନକ୍ରମେ କଣ୍ଟାବାଞ୍ଜିକୁ ସ୍ୱତନ୍ତ୍ର ରାଜସ୍ୱ ଜିଲା ଦାବିରେ ଶନିବାର ଆହୂତ ୧୨ଘଣ୍ଟିଆ ବନ୍ଦକୁ ମିଳିଛି ସ୍ୱତଃସ୍ଫୁର୍ତ୍ତ ସମର୍ଥନ। ବନ୍ଦର ପ୍ରଭାବ କଣ୍ଟାବାଞ୍ଜି ବିଧାନ ସଭା ନିର୍ବାଚନ ମଣ୍ଡଳୀ ଅଧୀନ ବଙ୍ଗୋମୁଣ୍ଡା, ତୁରେକେଲା ଓ ମୁରିବାହାଲ ବ୍ଲକ ସମେତ କଣ୍ଟାବାଞ୍ଜି ସହରାଞ୍ଚଳରେ ଅନୁଭୂତ ହୋଇଥିଲା। ଦୋକାନ ବଜାର, ବ୍ୟବସାୟିକ ଅନୁଷ୍ଠାନ ବନ୍ଦ ରହିଥିଲା। ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ରାସ୍ତାଘାଟ ଶୁନଶାନ ହୋଇ ଯାଇଥିଲା। ସକାଳ ୬ଟାରୁ ଆରମ୍ଭ ହୋଇଥିବା ବନ୍ଦରେ ଜିଲା ସଂଘର୍ଷ ସମିତି କର୍ମକର୍ତ୍ତାଙ୍କ ସହ ସବୁ ରାଜନୈତିକ ଦଳର ନେତୃବୃନ୍ଦ, ବିଭିନ୍ନ ସାମାଜିକ ସଂଗଠନ ସାମିଲ ହୋଇଥିଲେ। କଂଗ୍ରେସ ଦଳ ତରଫରୁ ବିଧାୟକ ସନ୍ତୋଷ ସିଂ ସାଲୁଜା, ଏନଏନସି ନଗରପାଳ ବରିୟାମ ସିଂ ସାଲୁଜା ଏବଂ କାଉନସିଲରମାନେ, ବିଜେଡିରୁ ପୂର୍ବତନ ବିଧାୟକ ଅୟୁବ ଖାନ, ଭଜପା ତରଫରୁ ବରିଷ୍ଠ ନେତା ଲକ୍ଷ୍ମଣ ବାଗ, ଜିଲା ଭାଜପା ସଭାପତି ଶିବାଜି ମହାନ୍ତି ବନ୍ଦ ସମର୍ଥନରେ ରାସ୍ତାକୁ ଓହ୍ଲାଇ କଣ୍ଟାବାଞ୍ଜି ଜିଲା ଦାବିର ଯଥାର୍ଥତା ରହିଛି ବୋଲି କହିଥିଲେ। କଣ୍ଟାବାଞ୍ଜି ପୌରାଞ୍ଚଳର ଇନ୍ଦିରା ଛକରେ ସଂଘର୍ଷ ସମିତି ପକ୍ଷରୁ ଆୟୋଜିତ ସଭାରେ ବିଭିନ୍ନ ଦଳର ନେତୃବୃନ୍ଦ ଏକତ୍ରିତ ହୋଇ ପ୍ରଥମେ ମାଟି, ପରେ ପାର୍ଟି ନାରା ଦେଇଥିଲେ। କଣ୍ଟାବାଞ୍ଜି ଜିଲା ମାଓବାଦୀ ପ୍ରବଣ ତୁରେକେଲା, ପଛୁଆ ବ୍ଲକଭାବେ ପରିଗଣିତ ବଙ୍ଗୋମୁଣ୍ଡା ଏବଂ ମୁରିବାହାଲ ବ୍ଲକର ଦ୍ରୁତ ବିକାଶ ହୋଇପାରିବ ବୋଲି ନେତୃବୃନ୍ଦ ବକ୍ତବ୍ୟ ରଖିଥିଲେ। ବନ୍ଦ ପାଳନରେ ଜିଲା ସଂଘର୍ଷ ସମିତି ସଭାପତି ଶେଷଦେବ ପୁଟେଲ, କାର୍ଯ୍ୟକାରୀ ସଭାପତି ବ୍ରଜଶ୍ୟାମ ଗୁରୁ, ସମ୍ପାଦକ ଦୁଃଖିଶ୍ୟାମ ଗୁରୁ, ବିଦେଶୀ ବେହେରା, ବେଦବ୍ୟାସ ନାଗଙ୍କ ସହ ବିଭିନ୍ନ ସଂଗଠନ କର୍ମକର୍ତ୍ତା ସାମିଲ ହୋଇଥିଲେ।

ତୁରେକେଲା ବ୍ଲକରେ ସରପଞ୍ଚ ସଂଘ ସଭାପତି ଜଳନ୍ଧର ମହାକୁଡ, ପ୍ରମୋଦ ମହାପାତ୍ର, କାର୍ତ୍ତିକ ପୁଟେଲ, କୌଶିକ ମେହେର, ବଙ୍ଗୋମୁଣ୍ଡା ବ୍ଲକରେ କେଶବ ନାରାୟଣ ଜୈନଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଥିଲା।

## କାମ ହେଉଛି, ବ୍ୟବହାର ପୂର୍ବରୁ ଅନୁପଯୋଗୀ



ଲୋଇସିଂହା କୃଷି ଓ ଉଦ୍ୟାନ ବିଭାଗ ରାସ୍ତା ଦବି ଯାଇଛି।

**ଲୋଇସିଂହା,୨୫।୩(ଡି.ଏନ.ଏ)**

### ଲୋଇସିଂହା ବ୍ଲକ

- ସରକାରୀ ଅର୍ଥ ବରବାଦ, କାର୍ଯ୍ୟାନୁଷ୍ଠାନ ନେଉନି ପ୍ରଶାସନ

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ପ୍ରଶାସନ ପକ୍ଷରୁ ବିଭିନ୍ନ ବିକାଶମୂଳକ କାମ ହାତକୁ ନିଆଯାଉଛି। ହେଲେ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଉପଯୁକ୍ତ ତଦାରଖ ଅଭାବରୁ ଉନ୍ନୟନ କାମରେ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି। ଅନିୟମିତତା ପ୍ରତି ଜିଲା ପ୍ରଶାସନ ଆଖିବୁଜି ଦେଉଥିବାରୁ ଦୁର୍ନୀତି ବଢିବାରେ ଲାଗିଛି। ଅପରପକ୍ଷରେ ଉନ୍ନୟନ କାମର ସ୍ଥାୟିତ୍ୱ ପ୍ରତି ପ୍ରଶ୍ନ ଉଠୁଛି। ବ୍ଲକ ଅଞ୍ଚଳର ହୋଇଥିବା କେତେକ କଙ୍କ୍ରିଟ ରାସ୍ତା ଏବଂ ଖେଳ ପଡିଆ ଷ୍ଟେଜ କାମକୁ ଉଦାହରଣ ଭାବେ ନିଆଯାଇପାରେ। କିଛି ମାସ ପୂର୍ବରୁ ଲୋଇସିଂହା ପଞ୍ଚାୟତ ସଦର ମହକୁମାରେ ଥିବା ଭେଣ୍ଟିଆପଡା ତଥା କୃଷି ଓ ଉଦ୍ୟାନ ବିଭାଗ ରାସ୍ତା କଂକ୍ରିଟିକରଣ କରାଯାଇଛି। ସେତେବଳେ ନିମ୍ନମାନର କାମ ହେଉଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ହେଲେ ବିଭାଗୀୟ ଯନ୍ତ୍ରୀ କିମ୍ବା ବ୍ଲକ ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଇ ନ ଥିଲେ। ଅଳ୍ପଦିନରେ ରାସ୍ତା ଶୋଚନୀୟ ହୋଇଗଲାଣି। ଏଠାରେ ସୂଚନା ଫଳକକୁ ଭାଙ୍ଗି ଦିଆଯାଇଛି। ତାହା କେଉଁ ପାଣ୍ଠି ଏବଂ କେତେ ଅନୁଦାନ ତାହା ଜଣା ପଡୁନାହିଁ। ସେହିପରି ୨୬ ନଂ ଜାତୀୟ ରାପଥ ବୁଢୀପଦର ହାଇସ୍କୁଲ ପାର୍ଶ୍ୱ ଦେଇ ଯାଇଥିବା ନେଗିପାଲି ରାସ୍ତା ପଞ୍ଚମ ଏସଏଫସି ପାଣ୍ଠିରୁ ପ୍ରାୟ ୪ ଲକ୍ଷ ବ୍ୟୟ ଅଟକଳରେ କ୍ରିକଟ କରାଯାଇଛି। ଏହି ରାସ୍ତା ଅବସ୍ଥା ମଧ ତଦ୍ରୁପ। ସେହିପରି ବାଦିବାହଲ ପଞ୍ଚାୟତ ଅନ୍ତର୍ଗତ ଅଗଲାପାଲି ହରିଜନପଡାଠାରୁ ଛେଲବାହାଲ ରାସ୍ତାରେ କଂକ୍ରିଟ ରାସ୍ତା ନର୍ମାଣ କରାଯାଇଛି। ଅଳ୍ପଦନ ମଧ୍ୟରେ ରାସ୍ତାର ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇଛି। ସେହିପରି ୨୦୨୧-୨୨ ଆର୍ଥିକ ବର୍ଷରେ ବୁଢୀପଦର ପଞ୍ଚାୟତ ଅନ୍ତର୍ଗତ ସଲତରପାଲି ଖେଳପଡିଆରେ ଏମ୍‌ପି ପାଣ୍ଠିରୁ ୨ ଲକ୍ଷ ବ୍ୟୟ ଅଟକଳରେ ଏକ ଷ୍ଟେଜ ନିର୍ମାଣ ହୋଇଛି। ଷ୍ଟେଜର ଚାରିପଟ ଫାଟି ଯିବା ସହ ଉପରଭାଗ ଦବି ଯାଇଛି। ଉନ୍ନୟନ କାମରେ ଅର୍ଥ ବ୍ୟୟ ହେଉଛି, ହେଲେ ବ୍ୟବହାର ପୂର୍ବରୁ ଅନୁପଯୋଗୀ ହେଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି।

## ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ କ୍ରୀଡ଼ାବିତ୍

**ବରଗଡ଼ ଅଫିସ, ୨୫।୩**

ବରଗଡ଼ ବ୍ଲକ ଅଧୀନ ସର୍ଲା ଗ୍ରାମର ଅନ୍ତର୍ଜାତୀୟ କ୍ରୀଡ଼ାବିତ୍ ସନ୍ତୋଷ କୁମାର ପ୍ରଧାନ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଛନ୍ତି। ଏକ ଚାଷୀ ପରିବାରରେ ଜନ୍ମଗ୍ରହଣ କରିଥିବା ସନ୍ତୋଷ ପିଲାଦିନରୁ ଖେଳ ପ୍ରତି ରୁଚି ରଖିଥିଲେ। ସେ ବରଗଡ଼ ଜିଲା ପୋଲିସ ବିଭାଗରେ କନଷ୍ଟେବଲ ଭାବେ କାର୍ଯ୍ୟରତ ଅଛନ୍ତି। ସେ କ୍ରିକେଟ, ଫୁଟବଲ, ଆଥଲେଟିକରେ ଦେଶ ତଥା ଦେଶ ବାହାରେ ଖ୍ୟାତି ଅର୍ଜନ କରିଛନ୍ତି। ବାଣିଜ୍ୟରେ ସ୍ନାତକୋତ୍ତର ଡିଗ୍ରୀ ସହ ଶାରିରୀକ ଶିକ୍ଷାରେ ଡିପ୍ଲୋମା ହାସଲ କରିଥିବା ସନ୍ତୋଷ ଫୁଟବଲ ରେଫରି ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଇଣ୍ଡିଆ ବୁକ ଅଫ ରେକର୍ଡରେ ସ୍ଥାନ ପାଇ ସେ ଗୌରବ ଆଣିଛନ୍ତି।




କ୍ରୀଡ଼ାବିତ୍ ସନ୍ତୋଷ କୁମାର ପ୍ରଧାନ।

## ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା, ଅଭିଯୁକ୍ତ ଗିରଫ

**ଖପ୍ରାଖୋଲ,୨୫।୩(ଡି.ଏନ.ଏ.)**

ବିବାହର ପ୍ରତିଶ୍ରୁତି ଦେଇ ଦେଇ ପ୍ରତାରଣା କରିବା ଅଭିଯୋଗରେ ଅଭିଯୁକ୍ତଙ୍କୁ ତେଲଙ୍ଗାନାରୁ ଗିରଫ କରିଛି ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ପୋଲିସ। ଅଭିଯୁକ୍ତ ହେଲେ ଖପ୍ରାଖୋଲ ଥାନା ପାଟିମାଲ ଗାଁର ସ୍ୱର୍ଣ୍ଣ କାଲସାଏ(୨୭)। ପଚରାଉଚରା ପରେ ତାଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ଏନେଇ ଖପ୍ରାଖୋଲ ଥାନାରେ ଏକ ମାମଲା(୧୭୦/୨୨)ରୁଜୁ ହୋଇଥିବା ଥାନା ଅଧିକାରୀ ରମାକାନ୍ତ ସାହୁ କହିଛନ୍ତି।

ଅଭିଯୋଗ ଅନୁସାରେ ଅଭିଯୁକ୍ତ ବଲାଙ୍ଗୀର ସଦର ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ସମ୍ପର୍କ ରଖିଥିଲେ। ଏଥିରେ ଯୁବତୀ ଜଣକ ଏକ ଶିଶୁକନ୍ୟା ଜନ୍ମ ଦେଇଥିଲେ। ଏହାପରେ ପ୍ରେମିକ ଜଣକ ଆଉ ଛୁଆଁ ଧରା ଦେଉ ନ ଥିଲେ। ଏନେଇ ଯୁବତୀ ଜଣକ ଗତ ଡିସେମ୍ବର ମାସରେ ଖପ୍ରାଖୋଲ ଥାନାରେ ଅଭିଯୋଗ କରିଥିଲେ।



ସ୍ୱର୍ଣ୍ଣ କାଲସାଏ।

ଅଭିଯୋଗକୁ ଭିତ୍ତି କରି ପୋଲିସ ଅଭିଯୁକ୍ତଙ୍କୁ ଖୋଜାଖୋଜି କରିଥିଲା। କୌଣସି ସୂତ୍ରରୁ ଖବର ପାଇ ଅଭିଯୁକ୍ତ ତେଲଙ୍ଗାନାର ଏକ ଇଟାଭାଟିରେ କାମ କରୁଥିବା ଜାଣି ଖପ୍ରାଖୋଲ ପୋଲିସର ଏକ ଟିମ ସେଠାକୁ ଯାଇଥିଲା। ସେଠିକାର ପୋଲିସ ସହାୟତାରେ ଅଭିଯୁକ୍ତ ସ୍ୱର୍ଣ୍ଣଙ୍କୁ କୁ ଗିରଫ କରି ଖପ୍ରାଖୋଲ ଆଣିଥିଲା। ସୂଚନା ଅନୁସାରେ ଉଭୟେ ବର୍ଷକ ତଳେ କର୍ନାଟକର ଏକ ଇଟାଭାଟିରେ କାମ କଲା ବେଳେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା।

## ଘରେ ପଶି ଦମ୍ପତିଙ୍କୁ ଆକ୍ରମଣ

**ଲୋଇସିଂହା,୨୫।୩(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ମାହାରପାଲି ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଘରେ ପଶି କେତେକ ଦୁର୍ବୃତ୍ତ ଏକ ଦମ୍ପତିଙ୍କୁ ଆକ୍ରମଣ କରିଥିବା ନେଇ ଶନିବାର ଥାନାରେ ଶନିବାର ଅଭିଯୋଗ ହୋଇଛି। ଆହତ ସଞ୍ଜୁ ରାଉତ (୩୭) ଏବଂ ତାଙ୍କ ସ୍ତ୍ରୀ କୁମାରୀ ରାଉତ (୩୨)ଙ୍କର ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଛି। ଏନେଇ ଅଧିକ ତଦନ୍ତ ଚଳିଥିବା ଏଏସଆଇ ଅଶୋକ କୁମାର ପଧାନ କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ଶୁକ୍ରବାର ରାଉତ ଦମ୍ପତିଙ୍କଠାରୁ ଗ୍ରାମର ଜଣେ ବ୍ୟକ୍ତି କୌଣସି କାମ ପାଇଁ ଏକ ବୈଦ୍ୟୁତିକ ଉପକରଣ ଦେଇ ୨ ଶହ ଟଙ୍କା ନେଇଥିଲେ। ହେଲେ ବିଳମ୍ବିତ ରାତିରେ ସମ୍ପୃକ୍ତ ବ୍ୟକ୍ତିଙ୍କ କେତେକ ସମ୍ପର୍କୀୟ ରାଉତ ଦମ୍ପତିଙ୍କ ଘରେ ପହଞ୍ଚି ସେହି ବୈଦ୍ୟୁତିକ ଉପକରଣ ଫେରାଇ ଦେବାକୁ କହିଥିଲେ। ହେଲେ ରାଉତ ଦମ୍ପତି ଦେଇଥିବା ଟଙ୍କା ଫେରସ୍ତ କଲେ ଦେବେ ବୋଲି କହିଥିଲେ। ଏତିକିରେ ସମ୍ପୃକ୍ତ ବ୍ୟକ୍ତିମାନେ ରାଗି ଯାଇ ଦମ୍ପତିଙ୍କୁ ଆକ୍ରମଣ କରିଥିଲେ। ସେମାନଙ୍କ ଚିତ୍କାର ଶୁଣି ସାହିପଡିଶା ରୁଣ୍ଡ ହୋଇଯିବାରୁ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ଆକ୍ରମଣ ବେଳେ ତାଙ୍କ ୨ଛୋଟ ପିଲଙ୍କୁ ମଧ୍ୟ ଦୁର୍ବୃତ୍ତମାନେ ମାଡି ଦେଇଥିବା କୁମାରୀ ଅଭିଯୋଗ କରିଛନ୍ତି।

## ଆତ୍ମ ସୁରକ୍ଷା ତାଲିମ କାର୍ଯ୍ୟକ୍ରମ



ଛାତ୍ରୀମାନେ ଆତ୍ମରକ୍ଷା ତାଲିମ ନେଉଛନ୍ତି।

**ଦେଓଗାଁ,୨୫।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ପଞ୍ଚାୟତ ସମିତି ହାଇସ୍କୁଲରେ ଛାତ୍ରୀଙ୍କ ଆତ୍ମ ସୁରକ୍ଷା ତାଲିମ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅମ୍ବରୀଶ ଭୋଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଶିକ୍ଷିକାଭାବେ ଜାତୀୟସ୍ତରର ଖେଳାଳି ଅଭିପ୍ସା ହୋତା ଯୋଗଦେଇ ଛାତ୍ରୀଙ୍କ ଆତ୍ମସୁରକ୍ଷା ପାଇଁ ବିଭିନ୍ନ କୌଶଳ ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଦେଓଗାଁ ପଞ୍ଚାୟତ ସମିତି ହାଇସ୍କୁଲର ୨୦ରୁ ଉର୍ଦ୍ଧ୍ୱ ଛାତ୍ରୀ ଉପସ୍ଥିତ ରହି ବିଭିନ୍ନ କୌଶଳ ଉପରେ ପ୍ରଶିକ୍ଷଣ ନେଇଥିଲେ। କାର୍ଯ୍ୟକ୍ରମକୁ ହାଇସ୍କୁଲର ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ।

## ଜନ ଆରୋଗ୍ୟ ସମିତି ବୈଠକ




ଜନ ଆରୋଗ୍ୟ ସମିତି ବୈଠକରେ ଉପସ୍ଥିତ ଅତିଥି।

**ଦେଓଗାଁ,୨୫।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ରାମଚନ୍ଦ୍ରପୁର ପ୍ରାଥମିକ ଚିକିତ୍ସାଳୟରେ ବନ୍ଧପଡା ଓ ରାମଚନ୍ଦ୍ରପୁର ପ୍ରାଥମିକ ଚିକିତ୍ସାଳୟ ମିଳିତ ଆନୁକୂଲ୍ୟରେ ଜନଆରୋଗ୍ୟ ଦିବସ ପାଳିତ ହୋଇଯାଇଛି। ଦେଓଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ଡା. ଚିତ୍ତରଞ୍ଜନ ମିଶ୍ରଙ୍କ ଅଧ୍ୟକ୍ଷତା ତଥା ସ୍ଥାନୀୟ ଚିକିତ୍ସାଳୟର ଚିକିତ୍ସାଧିକାରୀ ଡା. ଲଳିତ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଦସ୍ୟା ମମତା କୁମୁରା, ସରପଞ୍ଚ ସଂଘ ସଭାପତି ଗୋପାଳ ଚନ୍ଦ୍ର ମିଶ୍ର, ସିଂହାମୁଣ୍ଡା ସରପଞ୍ଚ ଜାହ୍ନବୀ ମାହାଣା, ରାମଚନ୍ଦ୍ରପୁର ସରପଞ୍ଚ ପଦ୍ମିନୀ ମିଶ୍ର, ବନ୍ଧପଡା ଚିକିତ୍ସାଳୟର ଚିକିତ୍ସାଧିକାରୀ ସ୍ୱୟଂସିଦ୍ଧ ଦାସ, ଡା. ସୁମିତ୍ରା ଦାସ, ରସ୍ମିତା ତ୍ରିପାଠୀ ଯୋଗଦେଇଥିଲେ। ବୈଠକରେ ଉଭୟ ଚିକିତ୍ସାଳୟର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ବୈଠକକୁ ଫାର୍ମାସିଷ୍ଟ ରାଜେଶ କୁମାର ମେହେର, ରମେଶ ମହାକୁର, ଏଲଟି ରଞ୍ଜନ କୁମାର ମେହେର ତଥା କର୍ମଚାରୀ ସହଯୋଗ କରିଥିଲେ।

## ଲୋକକଳାକୁ ବଞ୍ଚାଇବ ଲୋକୋତ୍ସବ

**ସଇଁତଲା,୨୫।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଲା ଡ଼ାକ ବଙ୍ଗଳାରେ ଚଣ୍ଡେଶ୍ୱରୀ ଲୋକୋତ୍ସବ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଲୋକୋତ୍ସବ କମିଟି ସଭାପତି ଭୀମସେନ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଗୁରୁ ଘାସିରାମ ମିଶ୍ର, ସମ୍ମାନୀତ ଅତିଥିଭାବେ ବ୍ଲକ ଉପାଧ୍ୟକ୍ଷ ଗୁଣସାଗର ମାଝି, ଜିଲା ପରିଷଦ ସଭ୍ୟ ପ୍ରମୋଦ ଭୋଇ, ସମାଜସେବୀ ମଦନଲାଲ ଅଗ୍ରୱାଲ, କମିଟି ସମ୍ପାଦକ ପ୍ରମୋଦ ବୈଠାରୁ ଯୋଗଦେଇଥିଲେ। ମୁଖ୍ୟ ଅତିଥି ସିଂ ଭୋଇ ସଇଁତଳାର ଇତିହାସ ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ମିଶ୍ର ଲୋକୋତ୍ସବ ଦ୍ୱାରା ବିଲୁପ୍ତ ହୋଇଯାଉଥିବା ଲୋକକଳା, ସଂସ୍କୃତି, ପରମ୍ପରାକୁ ପୁନଃ ଜାଗ୍ରତ କରାଯାଇପାରିବ ବୋଲି କହିଥିଲେ। ବର୍ତ୍ତମାନର ଯୁବ ସମାଜ ନିଜ ପରମ୍ପରା,




ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥିଗଣ।

**ଚଣ୍ଡେଶ୍ୱରୀ ଲୋକୋତ୍ସବ ଉଦ୍‌ଘାଟିତ**

ସଂସ୍କୃତିକୁ ଭୁଲି ଯାଉଥିବାବେଳେ ଲୋକଉତ୍ସବ ଦ୍ୱାରା ଏହାର କିଛିକାଂଶରେ ଭରଣା ହୋଇପାରିବ ବୋଲି ସେ ମତ ରଖିଥିଲେ। ଏହି ଅବସରରେ ଅଞ୍ଚଳର ବହୁ କଳାକାର, ସମାଜସେବୀମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଡ଼ା. ବିଶ୍ୱଜିତ ମିଶ୍ର ଧନ୍ୟବାଦ ଜ୍ଞାପନ କରିଥିଲେ।

ସନ୍ଧ୍ୟାରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ସିଂଭୋଇ, ସମ୍ମାନୀତ ଅତିଥି ଭାବେ ସଇଁତଳା ପଞ୍ଚାୟତ ସମିତି ବ୍ଲକ ଅଧ୍ୟକ୍ଷା ମୋନିକା ସିଂ ଭୋଇ, ଟିଟିଲାଗଡ଼ ପୌରପରିଷଦର ଅଧ୍ୟକ୍ଷା ମମତା ଜୈନ, ଜିଲା ପରିଷଦ ସଦସ୍ୟ ହିମାଞ୍ଚଳ ବୁଡେକ, ସମାଜସେବୀ ନବୀନ ଜୈନ, ଶ୍ରୀକିଶନ ଅଗ୍ରୱାଲ, ନବରଙ୍ଗପୁର ଜିଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗ ଯୋଗଦେଇଥିଲେ। ସନ୍ଧ୍ୟାରେ ଅଞ୍ଚଳର ବିଭିନ୍ନ ସାଂସ୍କୃତିକ ଦଳ ଏବଂ ବାହାର ଜିଲାରୁ ଆସିଥିବା ସାଂସ୍କୃତିକ ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ରବିବାର ଲୋକୋତ୍ସବ ଉଦ୍‌ଯାପିତ ହେବ ବୋଲି ସଭାପତି ଆୟୋଜକ କମିଟି ସଭାପତି ସ୍ୱାଇଁ କହିଛନ୍ତି।

## ସଂକ୍ଷେପରେ

### ପୋଲିସ-ଜନତା ସମନ୍ୱୟ ରକ୍ଷାକୁ ଗୁରୁତ୍ୱ

**ବରପାଲି,୨୫।୩(ଡି.ଏନ.ଏ.):** ବରଗଡ ଜିଲା ବରପାଲି ବ୍ଲକ ବାଗବାଡ଼ି ପଞ୍ଚାୟତ ଅଫିସ ପରିସରରେ ବରପାଲି ଥାନାଧିକାରିଣୀ ରୋଜାଲିନ ପଟେଲଙ୍କ ତତ୍ତ୍ୱାବଧାନରେ ପଞ୍ଚାୟତସ୍ତରୀୟ ଆମ ପୋଲିସ ସମିତି କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଗ୍ରାମାଞ୍ଚରେ ଘଉଥିବା ଛୋଟବଡ଼ ଘଟଣାମାନ ତୁରନ୍ତ ଥାନାକୁ ଜଣାଇବା ସହ ନିଜ ନିଜ ଭିତରେ ଗଣ୍ଡଗୋଳ ନ କରି ଥାନାକୁ ଜଣାଇବା ପାଇଁ ପୋଲିସ ଅଧିକାରୀ ଉପସ୍ଥିତ ଜନସାଧାରଣଙ୍କୁ ବୁଝାଇଥିଲେ। ପୋଲିସ ଓ ଜନସାଧାରଣଙ୍କ ଭିତରେ ସମନ୍ୱୟ ରକ୍ଷା ପାଇଁ ଏହି କାର୍ଯ୍ୟକ୍ରମ ଉଦ୍ଦିଷ୍ଟ ବୋଲି ସୂଚନା ଦିଆଯାଇଥିଲା। ଏହି ଅବସରରେ ପୋଲିସ ସମିତି ଗଠନ କରାଯାଇଥିଲା। ବାଗବାଡି ସରପଞ୍ଚ ପ୍ରତିନିଧି ମୁକେଶ ଭୋଇ, ଜିଲା ପରିଷଦ ସଭ୍ୟ ଗୋବିନ୍ଦ ସାହୁ, ସମିତି ସଭ୍ୟାସଭ୍ୟା ଓ ପଞ୍ଚାୟତର ବହୁ ମହିଳାପୁରୁଷ ଯୋଗ ଦେଇଥିଲେ।

### ଚାଷୀମାନଙ୍କ ଆୟ ବୃଦ୍ଧି ପାଇଁ ତାଲିମ

**ପାଇକମାଲ,୨୫।୩(ଡି.ଏନ.ଏ.):** ବରଗଡ ଜିଲା ପାଇକମାଲ ବ୍ଲକ ସାପଲହର ନିୟନ୍ତ୍ରିତ ବଜାର କମିଟି ପରିସରରେ ଆତ୍ମା ତରଫରୁ ଚାଷୀମାନଙ୍କର ଏକ ତାଲିମ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ କୃଷି ଅଧିକାରୀ ସୋମନାଥ ମହାପାତ୍ର, ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡଃ ସନ୍ତୋଷ କୁମାର ସାହୁ, ନିଲୁ ମେହେର ଓ ସହକାରୀ କୃଷି ଅଧିକାରୀ ଯୋଗେଶ୍ୱର ପଟେଲ ଯୋଗଦାନ କରି ଚାଷୀମାନଙ୍କୁ କୃଷି ଓ ଆନୁସଙ୍ଗିକ ବିଭାଗର ବିଭିନ୍ନ ଯୋଜନା, ଛତୁ ଚାଷ, ଗୋପାଳନ, ଛେଳି ପାଳନ, କୁକୁଡା ପାଳନ ଆଦି ବିଷୟରେ ତାଲିମ ପ୍ରଦାନ କରିଥିଲେ। ପାଇକମାଲ ବ୍ଲକ କୃଷି ଉପଦେଷ୍ଟା କମିଟି ଚେୟାରମେନ ଯୋଗେନ୍ଦ୍ର ଭୋଇ ଚାଷୀମାନଙ୍କ ଆୟ ବୃଦ୍ଧି ପାଇଁ କୃଷି ଓ ଆନୁସଙ୍ଗିକ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଚାଷୀମାନଙ୍କୁ ବୁଝାଇଥିଲେ। ସୁରେନ୍ଦ୍ର ସିଂ ବରିହା, ଭୀଷ୍ମଦେବ ସାହୁ କୃଷି ବିଭାଗର କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ପରାମର୍ଶ ଦେଇଥିଲେ।

### ସନ୍ତୋଷ ଶତପଥୀ ସଭାପତି, ଚିନ୍ମୟ ପଣ୍ଡା ସମ୍ପାଦକ

ପଦ୍ମପୁର ଓକିଲ ସଂଘର ନିର୍ବାଚନ



**ପଦ୍ମପୁର,୨୫।୩(ଡି.ଏନ.ଏ.):** ବରଗଡ଼ ଜିଲା ପଦ୍ମପୁର ଓକିଲ ସଂଘ ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ଓକିଲ ସନ୍ତୋଷ କୁମାର ଶତପଥୀ ସଭାପତି, ସୁନିଲ କୁମାର ପାଣିଗ୍ରାହୀ ଉପସଭାପତି ଏବଂ ଚିନ୍ମୟ କୁମାର ପଣ୍ଡା ସମ୍ପାଦକ ଭାବେ ନିର୍ବାଚିତ ହେଇଛନ୍ତି। ନିର୍ବାଚନ ଅଧିକାରୀ ଭାବେ ବରିଷ୍ଠ ଓକିଲ ଦିଲୀପ କୁମାର ପ୍ରଧାନ ନିର୍ବାଚନ ପରିଚାଳନା କରିଥିଲେ। ଯୁବ ଓକିଲ ରୋହିତ କୁମାର ଭୋଇ ସହଯୋଗ କରିଥିଲେ।

### ଭୀଷ୍ମଦେବ ସଭାପତି, ଉତ୍ତର ସମ୍ପାଦକ ନିର୍ବାଚିତ

ବରଗଡ଼ ଜିଲା ଓକିଲ ସଂଘ ନିର୍ବାଚନ




**ବରଗଡ଼ ଅଫିସ୍,୨୫।୩:** ବରଗଡ଼ ଜିଲା ଓକିଲ ସଂଘର ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୀଷ୍ମଦେବ ସରାଫ ସଭାପତି ଏବଂ ଉତ୍ତର ସାହୁ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ସୁଶିଲ ଶତପଥି ଉପସଭାପତି ଏବଂ ଶୁକଦେବ ସାହୁ ଯୁଗ୍ମ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟକାରୀ କମିଟିକୁ ଶରତ ପ୍ରଧାନ, ରାଜେନ୍ଦ୍ର ପ୍ରସାଦ ସିଂ, ଟୁନା ମହାକୁର, ଶିବପ୍ରସାଦ ଗୁପ୍ତା, ଆଦିତ୍ୟ ପ୍ରସାଦ ପାଢ଼ୀ, ଅଶ୍ୱିନୀ ବେହେରା ନିର୍ବାଚିତ ହୋଇଛନ୍ତି। ଯୁଗଳ ପ୍ରସାଦ ସିଂ ନିର୍ବାଚନ ଅଧିକାରୀ ଦାୟିତ୍ୱ ନିର୍ବାହ କରିଥିଲେ।

# ପାଠାଗାର ଲେଖକ, ପାଠକ, ପୁସ୍ତକର ଅନନ୍ୟ ସମାହାର

**ବରଗଡ଼ ଅଫିସ,୨୫।୩**



ପିଲାଙ୍କ ପାଖରେ ପାଠାଗାର କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ପୁସ୍ତକ ବ୍ୟକ୍ତିର ଉଚ୍ଚାରଣ ଶୁଦ୍ଧ କରିଥାଏ। ଜ୍ଞାନ ଆହରଣର ଏକ ଅପୂର୍ବ ସୁଯୋଗ ସୃଷ୍ଟି କରି ବ୍ୟକ୍ତିକୁ ଚରିତ୍ରବାନ୍ କରି ଗଢିତୋଳିଥାଏ। ସାମ୍ପ୍ରତିକ ସମୟରେ ଏପରି କାର୍ଯ୍ୟକ୍ରମର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି 'ଶିଶୁଶ୍ରୀ' ଭ୍ରାମ୍ୟମାଣ ପାଠାଗାରର ବ୍ଲକ ପରିକ୍ରମା ଅବସରରେ ବରଗଡ଼ ଜିଲା ଭଟଲି ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ 'ପିଲାଙ୍କ ପାଖରେ ପାଠାଗାର' କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଛି।

ପାଠାଗାର ସଭାପତି ମନୋରଞ୍ଜନ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ବନଛୋର ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ପୁସ୍ତକ ଉଚ୍ଚାରଣ ଓ ଆଚରଣକୁ ଶୁଦ୍ଧ କରି ବ୍ୟକ୍ତିକୁ ଚରିତ୍ରବାନ କରି ଗଢିତୋଳିଥାଏ । ପାଠାଗାର ସଂଯୋଜକ ପଣ୍ଡିତ ଗୋପବନ୍ଧୁ ପୁରୋହିତ ଭ୍ରାମ୍ୟମାଣ ପାଠାଗାର ଲେଖକ, ପାଠକ ଓ ପୁସ୍ତକର ଏକ ଅନନ୍ୟ ସମାରୋହ ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗଜେନ୍ଦ୍ର ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ସମୟରେ ଏପରି କାର୍ଯ୍ୟକ୍ରମର ଆବଶ୍ୟକତା ଥିବା ଉଲ୍ଲେଖ କରି ଏହା ଛାତ୍ରୀଛାତ୍ରଙ୍କୁ ପୁସ୍ତକ ପ୍ରତି ଆକୃଷ୍ଟ କରିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କ ମଧ୍ୟରୁ ରାମ ନିବାସ ଭୋଇ, ମମତା ଭୋଇ, ଲୋପାମୁଦ୍ରା ପ୍ରଧାନ, ଦିବାକର ତାଣ୍ଡିଆ, ପୂର୍ବା ଭୋଇ, ଲଳିତ ମଲ୍ଲ, ହିମାଂଶୁ ଶେଖର ପଣ୍ଡା ଓ ନନ୍ଦ କିଶୋର ନାଥ ପ୍ରମୁଖ ପୁସ୍ତକ ପଠନର ଉପାଦେୟତା ଉପରେ ଆଲୋକପାତ କରିଥିଲେ। ପଠିତ ପୁସ୍ତକ ସମ୍ପର୍କରେ ବକ୍ତବ୍ୟ ରଖି ଛାତ୍ରମାନଙ୍କ ମଧ୍ୟରୁ ଶିବା ମେହେର, ଶୁଭମ ମହାରଣା ଓ ସୁରଜ ରାଉତ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ଜିଲାସ୍ତରରେ ପୁରସ୍କୃତ ହେବା ପାଇଁ ମନୋନିତ ହୋଇଥିଲେ। ପ୍ରାରମ୍ଭରେ 'ଶିଶୁଶ୍ରୀ'ର ଆବାହକ ଡ୍ରଃ ରବିନାରାୟଣ ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଶିକ୍ଷକ ଲଳିତ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ କ୍ରୀଡ଼ାବିତ୍

**ବରଗଡ଼ ଅଫିସ, ୨୫।୩**



କ୍ରୀଡାବିତ୍ ସନ୍ତୋଷ କୁମାର ପ୍ରଧାନ ।

ବରଗଡ଼ ବ୍ଲକ ଅଧୀନ ସର୍ଲା ଗ୍ରାମର ଅନ୍ତର୍ଜାତୀୟ କ୍ରୀଡ଼ାବିତ୍ ସନ୍ତୋଷ କୁମାର ପ୍ରଧାନ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଛନ୍ତି। ଏକ ଚାଷୀ ପରିବାରରେ ଜନ୍ମଗ୍ରହଣ କରିଥିବା ସନ୍ତୋଷ ପିଲାଦିନରୁ ଖେଳ ପ୍ରତି ରୁଚି ରଖିଥିଲେ। ସେ ବରଗଡ଼ ଜିଲା ପୋଲିସ ବିଭାଗରେ କନଷ୍ଟେବଲ ଭାବେ କାର୍ଯ୍ୟରତ ଅଛନ୍ତି। ସେ କ୍ରିକେଟ, ଫୁଟବଲ, ଆଥଲେଟିକରେ ଦେଶ ତଥା ଦେଶ ବାହାରେ ଖ୍ୟାତି ଅର୍ଜନ କରିଛନ୍ତି। ବାଣିଜ୍ୟରେ ସ୍ନାତକୋତ୍ତର ଡିଗ୍ରୀ ସହ ଶାରିରୀକ ଶିକ୍ଷାରେ ଡିପ୍ଲୋମା ହାସଲ କରିଥିବା ସନ୍ତୋଷ ଫୁଟବଲ ରେଫରି ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଇଣ୍ଡିଆ ବୁକ ଅଫ ରେକର୍ଡରେ ସ୍ଥାନ ପାଇ ସେ ଗୌରବ ଆଣିଛନ୍ତି।

# କଳାକାର ସହାୟତା ରାଶି ବୃଦ୍ଧି ଦାବିରେ ସ୍ମାରକପତ୍ର


କଳାକାରମାନେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

**ବରଗଡ଼ ଅଫିସ,୨୫।୩**

ରାଜ୍ୟରେ କଳାକାରମାନେ ଦୁର୍ବିସହ ଜୀବନ ଅତିବାହିତ କରୁଛନ୍ତି। ସରକାରଙ୍କ ଦ୍ୱାରା କଳାକାରଙ୍କୁ ଯେଉଁ ସହାୟତା ପ୍ରଦାନ କରାଯାଉଛି, ତାହା ଧର୍ମକୁ ଆଖିଠାର ଭଳି ହୋଇଛି। ଓଡ଼ିଶା କଳାକାର ସଂଘ ଏଭଳି ଅଭିଯୋଗ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛି। ସ୍ମାରକପତ୍ରରେ କଳାକାର ସହାୟତା ଯୋଜନାରେ ଆହୁରି ଲକ୍ଷେ କଳାକାରଙ୍କୁ ସାମିଲ ପାଇଁ ଦାବି କରାଯାଇଛି। ସେହିପରି ମୁଖ୍ୟମନ୍ତ୍ରୀ କଳାକାର ସହାୟତା ରାଶିକୁ ୧୨୦୦ ଟଙ୍କାରୁ ୩୦୦୦ ଟଙ୍କାକୁ ବୃଦ୍ଧି କରିବା ପାଇଁ ମଧ୍ୟ ଦାବି ହୋଇଛି। ସଂଘ ଅଧ୍ୟକ୍ଷ ଚୈତନ୍ୟ ପାଇକଙ୍କ ନେତୃତ୍ୱରେ ସଂଯୋଜକ ପ୍ରମୋଦ ଦାଶ, ମିଳିତ କଳାକାର ମଞ୍ଚ ଜିଲା ସଂଯୋଜକ ପଞ୍ଚାନନ ମହାପାତ୍ର, ରାଜେଶ ବାରିକ, ଅନିରୁଦ୍ଧ ପାଇକ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

# ସମବାୟ ସମିତିର ବାର୍ଷିକ ସାଧାରଣ ସଭା



ସମବାୟ ସମିତି ସାଧାରଣ ସଭାରେ ଜଣେ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ବରଗଡ଼ ଅଫିସ,୨୫।୩**

ବରଗଡ଼ ବ୍ଲକ ଅଧୀନ ଅଡଗାଁ ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ) ବାର୍ଷିକ ସାଧାରଣ ସଭା ମାଲିପାଲି ସ୍ଥିତ ବାବା ମଠରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ଅଶ୍ୱିନୀ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରଗଡ଼ ବ୍ଲକ ଉପାଧ୍ୟକ୍ଷ ଉମେଶ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବୈଠକରେ ସମିତି ସମ୍ପାଦକ ରାଜକୁମାର ପ୍ରଧାନ, ସମବାୟ ସମ୍ପ୍ରସାରଣ ଅଧିକାରୀ ଶାନ୍ତନୁ ପାଣିଗ୍ରାହୀ, ବ୍ୟାଙ୍କର ଉପ ଶାଖା ପରିଚାଳକ ଜୋସେଫ ଭୋଇ, ଯୁଗ୍ମ ସମ୍ପାଦକ ଜଗବନ୍ଧୁ କଲତା, ଆକାଉଣ୍ଟାଣ୍ଟ ଶୁଶିଲ ମେହେର, କୋଷାଧ୍ୟକ୍ଷ ସୁରେନ୍ଦ୍ର ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ସମିତିର ସମସ୍ତ ଡାଇରେକ୍ଟର ଓ ଚାଷୀ ଉପସ୍ଥିତ ଥିଲେ। ସମିତିର ଶ୍ରେଷ୍ଠ ୧୦ଜଣ ଚାଷୀଙ୍କୁ ମୁଖ୍ୟ ଅତିଥି ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବୈଠକରେ ଗତବର୍ଷର ବିବରଣୀ ପଠନ ସହ ଚାଷୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥଲା।

### ଆମ ପୋଲିସ ସମିତିର ସଚେତନତା ଶିବିର

**ପାଇକମାଲ,୨୫।୩(ଡି.ଏନ.ଏ.)**

ବରଗଡ ଜିଲା ପାଇକମାଳର ନୃସିଂହନାଥ ଧର୍ମଶାଳାଠାରେ ଆମ ପୋଲିସ ସମିତିର ଏକ ସଚେତନତା ଶିବିର ଆଇଆଇସି ସୁଶାନ୍ତ କୁମାର ବଢେଇଙ୍କ ଅଧ୍ୟକ୍ଷତାରେ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାଇକମାଳ ବ୍ଲକର ବୁଦ୍ଧିଜୀବୀମାନେ ଯୋଗଦାନ କରିଥିଲେ। ଆଇଆଇସି ବଢେଇ ସାଇବର କ୍ରାଇମ୍ ଦ୍ୱାରା ଜନସାଧାରଣ କିପରି ଠକାମିର ଶିକାର ନ ହେବେ, ପୋଲିସ ସହିତ ସୁସମ୍ପର୍କ ରଖିବେ, ଯେ କୌଣସି ସମୟରେ ପୋଲିସର ସାହାଯ୍ୟ ନେବା, ବ୍ୟାଙ୍କ ଓ ଏଟିଏମରୁ ଟଙ୍କା ଉଠାଇଲା ବେଳେ ସର୍ତକତା ଅବଲମ୍ବନ କରିବା ଆଦି ବିଷୟରେ ପୁଙ୍ଖାନୁପୁଙ୍ଖ ବୁଝାଇଥିଲେ। ସଭାରେ ରାମ ରତନ ପୁରୋହିତ, ରାଜେନ୍ଦ୍ର ରାଉତ, ମନୋଜ ତ୍ରିବେଦୀ, ରାଜକିଶୋର ସାହୁ, ସରୋଜ ସାମଲ, ଦିଲୀପ ଅଗ୍ରୱାଲ, ବଡ ସତପଥୀ, ସୁଦାମ ଚରଣ ସେଠ ପ୍ରମୁଖ ପାଇକମାଳ ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ।

# ବରଗଡ଼ରେ ସାମୂହିକ ବ୍ରତୋପନୟନ

**ବରଗଡ଼ ଅଫିସ, ୨୫।୩**


ମାଁ ଶ୍ୟାମାକାଳୀ ମନ୍ଦିରରେ ଅନୁଷ୍ଠିତ ସାମୂହିକ ବ୍ରତୋପନୟନ କାର୍ଯ୍ୟକ୍ରମ।

ବରଗଡ଼ର ମାଁ ଶ୍ୟାମାକାଳୀ ମନ୍ଦିର ପରିଚାଳନା ସମିତି ଆନୁକୂଲ୍ୟରେ ସାମୂହିକ ବ୍ରତୋପନୟନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଚାରିକର୍ମ ହୋଇଥିବା ବେଳେ ସାବିତ୍ରୀ ପ୍ରଦାନ କରାଯାଇ ବଟୁ ଧାରଣ କରାଯାଇଥିଲା। ସେହିପରି ମାଁଙ୍କୁ ଚନ୍ଦ୍ରଘଣ୍ଟି ବେଶରେ ପୂଜାର୍ଚ୍ଚନା କରାଯାଇଥିଲା। ବ୍ରତୋପନୟନ ଏବଂ ପୂଜା କାର୍ଯ୍ୟକ୍ରମରେ ପଣ୍ଡିତ ନରସିଂହ ଶତପଥୀ, ନରେଶ ମିଶ୍ର, ବିପିନ ବିହାରୀ ଦାଶ, ସଞ୍ଜୟ କୁମାର ଦାଶ, ଅନନ୍ତ ଶତପଥୀ, ହରିରାମ ପଣ୍ଡା, ସତ୍ୟାନନ୍ଦ ଶତପଥୀ, ଆନନ୍ଦ ଷଡ଼ଙ୍ଗୀ, ସୁମନ୍ତ ଷଡ଼ଙ୍ଗୀ ପ୍ରମୁଖ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଶିବ ପ୍ରସାଦ ଦୋରା ସପତ୍ନୀକ କର୍ତ୍ତା କାର୍ଯ୍ୟ ସମ୍ପାଦନ କରିଥିଲେ। ବ୍ରତୋପନୟନ କାର୍ଯ୍ୟରେ ମନ୍ଦିର କମିଟିର ସମସ୍ତ ସଭ୍ୟ ସହଯୋଗ କରିଥିଲେ ।

### ଓଡ଼ିଶା ଦିବସ ପାଳନ ପାଇଁ ପ୍ରସ୍ତୁତି

**ପଦ୍ମପୁର,୨୫।୩(ଡି.ଏନ.ଏ.)**

ଆସନ୍ତା ଏପ୍ରିଲ ୧ତାରିଖରେ ଓଡ଼ିଶା ଦିବସ ପାଳନ ପାଇଁ ବରଗଡ଼ ଜିଲା ପଦ୍ମପୁର ଉପଜିଲାପାଳଙ୍କ ପ୍ରକୋଷ୍ଠରେ ଏକ ପ୍ରସ୍ତୁତି ବୈଠକ ଶନିବାର ଉପଜିଲାପାଳ ସଦାକର କୁମ୍ଭାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପଦ୍ମପୁର ସହରର ବିଭିନ୍ନ ଶିକ୍ଷାନୁଷ୍ଠାନ, ସରକାରୀ ଓ ବେସରକାରୀ ସଂସ୍ଥା ର ସଦସ୍ୟମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ କଲେଜ ଓ ହାଇସ୍କୁଲ ସ୍ତରରେ ବକ୍ତୃତା ପ୍ରତିଯୋଗିତା ହେବା ସହିତ ୧ତାରିଖରେ ଏକ ଶୋଭାଯାତ୍ରା କରିବାକୁ ନିଷ୍ପତ୍ତି ହୋଇଥିଲା। ଶେଷରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନିର୍ମଳ ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ।

# ମିଲେଟ ଟିଫିନ୍ ଅନ୍ ହ୍ୱିଲ୍ ଉଦ୍‌ଘାଟିତ


ମିଲେଟ ଟିଫିନ ଅନ୍ ହ୍ୱିଲ୍‌କୁ ଉଦ୍‌ଘାଟନ କରାଯାଉଛି।

**ପଦ୍ମପୁର,୨୫।୩(ଡି.ଏନ.ଏ.)**

ପଦ୍ମପୁର ବ୍ଲକ କଂସର ଛକଠାରେ ମିଲେଟ ମିଶନ ଏବଂ ତ୍ରିରଙ୍ଗା ଯୁବକ ସଂଘ ଆନୁକୂଲ୍ୟରେ ମିଲେଟ ଟିଫିନ ଅନ୍ ହ୍ୱିଲ୍‌ର ଶୁଭ ଉଦ୍‌ଘାଟନ ହୋଇଯାଇଛି। ଉଦଘାଟନୀ ଉତ୍ସବରେ କଂସର ସରପଞ୍ଚ ଆନନ୍ଦ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଲକ୍ଷ୍ମୀପ୍ରିୟା ସ୍ୱୟଂ ସହାୟକ ଗୋଷ୍ଠୀ ଏହି ଟିଫିନ ହ୍ୱିଲର ଦାୟିତ୍ୱ ଗ୍ରହଣ କରିଥିବାବେଳେ ତ୍ରିରଙ୍ଗା ଯୁବକ ସଂଘ ସହଯୋଗ କରିଥିଲା। ମହିଳାମାନେ ଏହି ମିଲେଟ ମିଶନ ଜରିଆରେ ଆତ୍ମନିର୍ଭରଶୀଳ ହୋଇ ଗୁଜୁରାଣ ମେଣ୍ଟାଇପାରିବେ। ଏହା ସରକାରଙ୍କ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ମୁଖ୍ୟଅତିଥି ବେହେରା କହିଥିଲେ। ମିଲେଟ ମିଶନର ବ୍ଲକ ସଂଯୋଜକ ତୁଲେଶ୍ୱର ବୈକାର, ମିଶନ ଶକ୍ତିର ବିପିସି ତିଳୋତ୍ତମା ଦାଶ, ଭିଏଡବ୍ଲ୍ୟୁ ଶୁଭେନ୍ଦୁ ବରିହା, ପୂର୍ବତନ ସରପଞ୍ଚ ଧନମାଳି ହାତୀ ପ୍ରମୁଖ ଉପସ୍ଥିତ ଥିଲେ। ମିଲେଟ ମିଶନ ସିଆର୍‌ପି ବଳରାମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# କଲଙ୍ଗାପାଲିରେ ଆର୍ଯ୍ୟଯଜ୍ଞ

**ଗାଇସିଲେଟ,୨୫।୩(ଡି.ଏନ.ଏ.)**

ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଅଧୀନ କଲଙ୍ଗାପାଲି ଗ୍ରାମରେ ବିଶ୍ୱଶାନ୍ତି ସକାଶେ ଶନିବାର ଆର୍ଯ୍ୟ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସୁରେଶ୍ୱର ଭୋଇ ଓ କଂଗ୍ରେସ ସାହୁଙ୍କ ପୌରୋହିତ୍ୟରେ ଯଜ୍ଞକାର୍ଯ୍ୟ ହେଇଥିଲା। ଘାଏ ଦେଖତ କଲାପଟା ଅନୁଷ୍ଠାନର ସମ୍ପାଦକ ବୈରାଗୀ ସାହୁ, କୌଶଲ୍ୟା ସାହୁ ମୁଖ୍ୟ ଯଜମାନ ଥିଲେ। ଯଜ୍ଞ ପରେ ଉଦ୍ଧବ ତ୍ରିପାଠୀ ପ୍ରବଚନ ଦେଇଥିଲେ। କବି ରସିକ ବେହେରା, ଯଦୁମଣି ସାହୁ, କଂଗ୍ରେସ ସାହୁ କବିତା ପାଠ କରିଥିଲେ। ଚିତ୍ରସେନ ଗୌନ୍ତିଆ, ଗୋପାଳ ସାହୁ, ପଦ୍ମନାଭ ସାହୁ, ନେହେରୁ ସାହୁ, ପବିତ୍ର କୁମାର ଦାଶ, ସୈମେନ୍ଦୁ ସାହୁ, ବିଜୟ ସାହୁ, କଲାପଟାର ସହ ସମ୍ପାଦକ ଅଶେଷ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।


ଆର୍ଯ୍ୟ ଯଜ୍ଞରେ ମଞ୍ଚାସୀନ ପ୍ରବଚକ ଏବଂ ଅନ୍ୟମାନେ।

# ନାଟକ ଜାଏତ ଭିନ୍ ଭିନ୍ ମୁନୁଷ ଏକ, ଡାହି ମଞ୍ଚସ୍ଥ

**ସାଂସ୍କୃତିକ କାର୍ଯ୍ୟକ୍ରମ ଉଚ୍ଛବର ଚତୁର୍ଥ ସନ୍ଧ୍ୟା**

**ସୋହେଲା,୨୫।୩(ଡି.ଏନ.ଏ.)**



ସାଂସ୍କୃତିକ କାର୍ଯ୍ୟକ୍ରମ 'ଉଚ୍ଛବ'ରେ ମଞ୍ଚସ୍ଥ ନାଟକର ଏକ ଦୃଶ୍ୟ ।

ଚୈତ୍ର ବାସନ୍ତୀକ ଦୁର୍ଗାପୂଜା ଅବସରରେ ବରଗଡ଼ ଜିଲା ସୋହେଲାରେ ଚାଲିଥିବା ସାଂସ୍କୃତିକ କାର୍ଯ୍ୟକ୍ରମ 'ଉଚ୍ଛବ'ର ଶନିବାର ଚତୁର୍ଥ ସନ୍ଧ୍ୟାରେ ସମାଜ ସଂସ୍କାର ଧର୍ମୀ ଦୁଇଟି ନାଟକ ମଞ୍ଚସ୍ଥ ହୋଇଥିଲା। ଢୋଲବନ୍ଧ ସଚେତନ ହେମାର କଳାକାରଙ୍କ ଦ୍ୱାରା ନାଟକ 'ଜାଏତ ଭିନ୍ ଭିନ୍ ମୁନୁଷ ଏକ' ନାଟକ ପ୍ରଥମେ ପରିବେଷିତ ହୋଇଥିଲା। ବ୍ୟାଣ୍ଡ ବାଜା, ଡିଜେ, ମେଲୋଡି ଯୁଗରେ ଗଣ୍ଡାବାଜା ପ୍ରତି ଅନାଦର ଦୁଃଖୁ ଢୁଲିଆକୁ ଖୁବ୍ ବାଧେ। ଦୁଃଖୁ ଲୋକବାଦ୍ୟ ନାଚକୁ ଝୁରେ। ତାର ପୁଅ ଚନ୍ଦର ଭଲ ପାଠ ପଢେ। ସେ ଆମ୍ବେଡ୍‌କରବାଦୀ। ଗାଁ ଗୌନ୍ତିଆର ଝିଅ ଚନ୍ଦରଙ୍କୁ ଭଲ ପାଇବସେ। ଜଣେ ଉଚ୍ଚଜାତିର ଗୌନ୍ତିଆ ଘର ଝିଅ ଏବଂ ମେଧାବୀ ଦଳିତ ପୁଅର ପ୍ରେମରେ ଜାତି ପ୍ରାଚୀର ହୋଇ ବାଧା ସୃଷ୍ଟି କରେ। ହେଲେ ଉଚ୍ଚଶିକ୍ଷିତା ଝିଅ ସାଏବାନୀ ଘରୁ ପାଦ କାଢି ଚନ୍ଦରଙ୍କ ଘରେ ପ୍ରବେଶ କରେ। ପରେ ଶିକ୍ଷା ଆଗରେ ସ୍ୱାଭିମାନ ହାର ମାନିଛି। ଗଣ୍ଡା ବାଜାରେ ପରିବେଶ ଉତ୍ସବ ମୁଖର ହୋଇଛି। ଏହି ନାଟକକୁ ରାଜକୁମାର ସାହୁ ରଚନା ଓ ନିର୍ଦ୍ଦେଶନା ଦେଇଥିଲେ। ଦ୍ୱିତୀୟ ନାଟକ ସୋହେଲା ଚେତନାର 'ଡହି' ମଞ୍ଚସ୍ଥ ହୋଇଥିଲା। ରାଜେଶ କାରିଆଙ୍କ ରଚିତ ଡା. ତୁଷାରକାନ୍ତ ସାହୁଙ୍କ ନିର୍ଦ୍ଦେଶିତ ଏହି ନାଟକ ଏକ ସ୍ୱପ୍ନରୁ ଗତିଶୀଳ ହୁଏ। ଅନସୂୟା ନିଜ ସ୍ୱପ୍ନରେ ଦେଖନ୍ତି, ତାଙ୍କ ସ୍ୱାମୀ ଅନନ୍ତଙ୍କ ମୃତ୍ୟୁ ହୋଇଯାଇଛି। ଏଥିରେ ଭୟଭୀତ ହୋଇ ସେ ପଣ୍ଡିତ ନାମଯଜ୍ଞ ମିଶ୍ରଙ୍କୁ ଡାକି ତାଙ୍କ ଉପଦେଶ ମତେ ପୂଜାବିଧି କରନ୍ତି। ଘଟଣା କ୍ରମେ ସେଠାରେ ଆର୍ଯ୍ୟସମାଜ, ହେତୁବାଦୀଙ୍କ ପ୍ରବେଶ ହୁଏ ଏବଂ ବାଦ ବିବାଦ ହୁଏ। ସମାଜ ସଂସ୍କାର ବାର୍ତ୍ତାରେ ଭରପୁର ଏହି ବ୍ୟଙ୍ଗ ନାଟକ ଦର୍ଶକଙ୍କୁ ହସି ହସି ବେଦମ କରିଥିଲା।

## ସଂକ୍ଷେପରେ

### ପ୍ରମୋଦ କୁଚିଣ୍ଡା ଓକିଲ ସଂଘ ସଭାପତି

କୁଚିଣ୍ଡା,୨୫।୩(ଡି.ଏନ.ଏ.): କୁଚିଣ୍ଡା ଓକିଲ ସଂଘ କର୍ମକର୍ତ୍ତା ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି।



ଏଥିରେ ପ୍ରମୋଦ କୁମାର ଛୁରିଆ ସଭାପତି ଓ ସୁରେନ୍ଦ୍ର କୁମାର ନାଏକ ସମ୍ପାଦକ ନିର୍ବାଚିତ ହୋଇଛନ୍ତି। ଦିଲୀପ କୁମାର ପୃଷେଠ ନିର୍ବାଚନ ଅଧିକାରୀ ଓ ପ୍ରଶାନ୍ତ ପଣ୍ଡା ସହ ନିର୍ବାଚନ ଅଧିକାରୀ ଭାବେ ନିର୍ବାଚନ ପରିଚାଳନା କରିଥିଲେ। ୪ର୍ଥ ଥର ପାଇଁ ତାଙ୍କ ଉପରେ ଅସ୍ଥାରଖି ସଭାପତି ଭାବେ ନିର୍ବାଚିତ କରିଥିବାରୁ ଓକିଲ ସଂଘର ସମସ୍ତ ସଦସ୍ୟଙ୍କୁ ନବ ନିର୍ବାଚିତ ସଭାପତି ଛୁରିଆ କୃତଜ୍ଞତା ଜଣାଇଛନ୍ତି।

### ନିଖିଳ ଉତ୍କଳ ବେସରକାରୀ କଲେଜ ଶିକ୍ଷକ ସଂଘ ବୈଠକ

ସମ୍ବଲପୁର୨୫।୩(ବ୍ୟୁରୋ): ନିଖିଳ ଉତ୍କଳ ବେସରକାରୀ କଲେଜ ଶିକ୍ଷକ ସଂଘ ସମ୍ବଲପୁର ଜିଲା ଶାଖା କାର୍ଯ୍ୟନିର୍ବାହୀ ପରିଷଦର ସ୍ୱତନ୍ତ୍ର ବୈଠକ ରାମକଲି ଟ୍ରଷ୍ଟ ଉଚ୍ଚ ମାଧମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଜିଲା ସଂଘ ସଭାପତି କୃପା ଶଙ୍କର ନାଥ ପୌରୋହିତ୍ୟ କରିଥିଲେ। ବୈଠକରେ ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣୟାନନ୍ଦ ତ୍ରିପାଠୀ, ଆବାହକ ଅଶୋକ ବହିଦାର, ରାଜ୍ୟ ଯୁଗ୍ମ ସମ୍ପାଦକ ଡ଼. ଅଶ୍ୱିନୀ କୁମାର ସୁପକାର, ଜିଲା ସମ୍ପାଦକ ପ୍ରମୋଦ ସ୍ୱାଇଁ, ଉପଦେଷ୍ଟା ଡ଼. ସନ୍ତ ଦାସ, ପୂର୍ଣ୍ଣଚନ୍ଦ୍ର ସେଠ୍, ବିଶ୍ୱପତି ବେହେରା, ଅନିଲ ପଟ୍ଟନାୟକ, ସିରାଜୁଉଦ୍ଦିନ୍ ହକ୍, ଜ୍ଞାନ ସାମଲ ଓ ଡ଼ ଦୀପେନ୍ ପଟ୍ଟନାୟକ ଯୋଗଦେଇଥିଲେ। ଏଥିରେ ବେସରକାରୀ ମହାବିଦ୍ୟାଳୟ ସମସ୍ୟା, ଜିଲା ସମ୍ମିଳନୀ ଆୟୋଜନ ଓ ରାଜ୍ୟ ସମ୍ମିଳନୀ ସମ୍ପର୍କରେ ଆଲୋଚନା ହୋଇଥିଲା।

### କଂସ ବଧ ସହ ଧନୁଯାତ୍ରା ଉଦ୍ୟାପିତ



କୁଚିଣ୍ଡା,୨୫।୩(ଡି.ଏନ.ଏ.): କୁଚିଣ୍ଡା ବ୍ଲକର ଟାଇଁସରଠାରେ ୨୦ତାରିଖରୁ ଚାଲିଥିବା ଧନୁଯାତ୍ରା ଶୁକ୍ରବାର ଉଦ୍ୟାପିତ ହୋଇଯାଇଛି। ଗୋପପୁରରୁ କୃଷ୍ଣ ବଳରାମଙ୍କୁ ସାଙ୍ଗରେ ଘେନି ଅକ୍ରୂରଙ୍କ ମଥୁରା ଗମନ ଦୃଶ୍ୟ ବେଶ ମନୋରମ ଥିଲା। ଶେଷରେ କୃଷ୍ଣଙ୍କ ସହ ଯୁଦ୍ଧରେ କଂସଙ୍କ ନିଧନ ହୋଇ ଧନୁଯାତ୍ରା ଉଦ୍ୟାପିତ ହୋଇଥିଲା। ପାଞ୍ଚଦିନ ଧରି ଚାଲିଥିବା ଏହି ଆଞ୍ଚଳିକ ଧନୁଯାତ୍ରା ଦେଖିବାକୁ ପ୍ରବଳ ଜନ ସମାଗମ ହୋଇଥିଲା। ସହଯୋଗ କରିଥିବାରୁ ସଭାପତି ପ୍ରଦୀପ ପଟେଲ ଓ ସମ୍ପାଦକ ଅମୂଲ୍ୟ ସେନାପତି ଅଞ୍ଚଳବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ସାତୁପାଲି କୁଳତା ସମାଜର ସଭା

ସମ୍ବଲପୁର,୨୫।୩(ବ୍ୟୁରୋ): ସମ୍ବଲପୁର ଜିଲା ମୁରା ପୀଠ ତବଲା ସାତୁପାଲି କୁଳତା ସମାଜର ଏକ ସଭା ରାମଚଣ୍ଡୀ ପୀଠ ପରମାନପୁରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସାତୁପାଲି ସଭାପତି ସୁରେନ୍ଦ୍ର ବାରିକ, ସମ୍ପାଦକ କିଶୋର ପଧାନ, ତ୍ରିଲୋଚନ ସାହୁ, କୈଳାସ ବାରିକ, ପ୍ରଶାନ୍ତ ସାହୁ, ସନ୍ତୋଷ ପଧାନ, ସଞ୍ଜୀବ ବାରିକ, ସୁବାସ ପାଧାନ, ମନୋଜ ବାରିକ ପ୍ରମୁଖ ଉପସ୍ଥିତ ରହିଥିଲେ। କମଲାକ୍ଷ ପଧାନ ଓ ତାଙ୍କ ସ୍ତ୍ରୀ ପୂଜାର କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ପଣ୍ଡିତ ଅଚ୍ୟୁତା ନନ୍ଦ ପଧାନ ପୂଜା କାର୍ଯ୍ୟ ସମ୍ପାଦନା କରିଥିଲେ।

### ମଦ ପିଇ ଗାଡ଼ି ଚଳାଇବା ମହଙ୍ଗା ପଡ଼ିଲା

ଜୁନାଗଡ,୨୫।୩(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ପୋଲିସ ଏବେ ଆକ୍ସନ ମୁଡରେ ରହିଥିବା ଦେଖିବାକୁ ମିଳିଛି। ମଦ ପିଇ ଗାଡି ଚଳାଉଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଶନିବାର ପୁଣି ୩ ଜଣ ମଦ୍ୟପ ବ୍ୟକ୍ତିଙ୍କୁ ଧରାଯାଇଛି। ସେମାନେ ମଦ ପିଇ ଜୁନାଗଡ ସହରରେ ବାଇକ୍ ଚଳାଇଲା ବେଳେ ଧରା ପଡିବାରୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

# ସଚେତନ ରହିଲେ ସୁସ୍ଥ ଜୀବନ ସମ୍ଭବ

ସମ୍ବଲପୁର,୨୫।୩(ବ୍ୟୁରୋ)

ସ୍ୱାସ୍ଥ୍ୟ, ସ୍ୱଚ୍ଛତା, ନିରାମୟ ଜୀବନର ମୂଳ ଉତ୍ସ। ବ୍ୟକ୍ତିଗତ ଓ ସାମାଜିକ ସ୍ତରରେ ସଚେତନ ରହିଲେ ସୁସ୍ଥ ଜୀବନ ସମ୍ଭବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଶନିବାର ଝାଡୁଆପଡାସ୍ଥିତ ଆରଣ୍ୟକ ମଞ୍ଚରେ ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ନଗରସ୍ତରୀୟ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ-୨୦୨୩ରେ ମତପ୍ରକାଶ କରିଥିଲେ। ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ପ୍ରଦୀପ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମହାନଗର ସ୍ୱାସ୍ଥ୍ୟ ଅଧିକାରୀ ଡା. ମହେନ୍ଦ୍ର କୁମାର ନନ୍ଦ, ଏଡିପିଏଚ୍‌ଓ ଡା. ସୁଶିଲ କୁମାର ଦାଶ, ଏଡିପିଏଚ୍‌ଓ ଡା. ପ୍ରମୋଦ ଚନ୍ଦ୍ର ବିଶ୍ୱାଳ, ସହରାଞ୍ଚଳ ଜାତୀୟ ସ୍ୱାସ୍ଥ୍ୟ ମିଶନର ଏଡିପିଏଚ୍‌ଓ ଡା.ପ୍ରଦୀପ କୁମାର ହୋତା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେମାନେ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ନେଇ ସଚେତନତା ବାର୍ତ୍ତା ଦେଇଥିଲେ। କାର୍ଯ୍ୟକ୍ରମକୁ ସହରାଞ୍ଚଳ କାର୍ଯ୍ୟକ୍ରମ ପରିଚାଳକ (ସିପିଏମ) ନିକୁ



ଏସ୍‌ଏମ୍‌ସିର ମହିଳା ଆରୋଗ୍ୟ ସମିତି ବୈଠକରେ ଅତିଥିବୃନ୍ଦ।

ରଞ୍ଜନ ପ୍ରତିହାରୀ ସଂଯୋଜନା କରିଥିଲେ। ସ୍ୱାସ୍ଥ୍ୟ ଭିତ୍ତିକ ଉଲ୍ଲେଖନୀୟ ଅବଦାନ ପାଇଁ ୮୩ଟି ମହିଳା ଆରୋଗ୍ୟ ସମିତିକୁ ୩ ହଜାର ଟଙ୍କା ସହିତ ପ୍ରମାଣପତ୍ର ଦେଇ ସମ୍ମାନିତ କରାଯାଇଥିଲା। ସେହିପରି ନିଜ କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ପାଇଁ ୮ ଆଶା କର୍ମୀ, ୩ ମହିଳା ସ୍ୱାସ୍ଥ୍ୟକର୍ମୀ ଓ ୮ ଡାଟା ଆସିଷ୍ଟାଣ୍ଟ, ଆକାଉଣ୍ଟାଣ୍ଟ ଓ ଜଣେ ଫାର୍ମାସିଷ୍ଟଙ୍କୁ ପୁରସ୍କୃତ କରାଯାଇଥିଲା।

**ନଗରସ୍ତରୀୟ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ**

ଏହି ଅବସରରେ ମହିଳା ଆରୋଗ୍ୟ ସମିତି ପ୍ରାୟୋଜିତ ସ୍ୱାସ୍ଥ୍ୟଭିତ୍ତିକ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଏହସହ କ୍ଷୁଦ୍ର ନାଟିକା, ନୃତ୍ୟ, ଏକକ ଅଭିନୟ, ଦଳଗତ ନୃତ୍ୟ ଦର୍ଶକଙ୍କ ଦ୍ୱାରା ବେଶ ଆଦୃତ ହୋଇଥିଲା। ବିଭିନ୍ନ କାର୍ଯ୍ୟକ୍ରମକୁ ଡିଏନ୍ ସିଂହଦେଓ, ହେନାନି ଆନନ୍ଦ, ବନ୍ଦନା ନାୟକ, ବାଲେଶ୍ୱର ବିଶି, ବିଜୟଲକ୍ଷ୍ମୀ ନାୟକ, ରଞ୍ଜିତ ସା, ଦିଲୀପ କୁମାର ନନ୍ଦ, ମାନସ ପୁରୋହିତ, ସରିତା ଶର୍ମା, ଜି. ସ୍ୱାତି, ସୁପ୍ରଭାତ ନାୟକ, ବନ୍ଦିତା ପୁରୋହିତ ପ୍ରମୁଖ ପରିଚାଳନା କରିଥିବା ବେଳେ ସିଟି ଡାଟା ମ୍ୟାନେଜର କଳ୍ପନା ପରମା ଧନ୍ୟବାଦ ଅର୍ପଣ କରିଥିଲେ।

# ନକଲି ମଦ କାରଖାନା ଠାବ ଘଟଣା: ପୋଲିସ ଗୋଇନ୍ଦା ଫେଲ୍

ସମ୍ବଲପୁର,୨୫।୩(ବ୍ୟୁରୋ)

ସମ୍ବଲପୁର ଜିଲା ରାନିଖିଣ୍ଡା ଗ୍ରାମରେ ଚାଲିଥିଲା ନକଲି ବିଦେଶୀ ମଦ ତିଆରି କାରଖାନା। ଏହି ଘଟଣାରେ ଗ୍ରାମର ଟ୍ୟୁଶନ ଶିକ୍ଷକ ସରୋଜ ବେହେରାଙ୍କୁ ଗିରଫ କରାଯାଇଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଜସବୀର ସିଂ ଏବେ ମଧ୍ୟ ଫେରାର ଅଛନ୍ତି। ହେଲେ ନକଲି ମଦ କାରଖାନା ଚାଲିଥିବା ନେଇ ପୋଲିସ ଗୋଇନ୍ଦା ଓ ଥାନା ପୋଲିସ କିଭଳି ଜାଣିପାରିଲା ନାହିଁ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଅବକାରୀ ଗୋଇନ୍ଦା ବିଭାଗକୁ ସୂଚନା ଆସିଲା। ହେଲେ ସ୍ଥାନୀୟ ପୋଲିସକୁ ସୂଚନାଦାତା କିଭଳି ଏତେବଡ ଘଟଣା କହିବାକୁ ବିଶ୍ୱାସ କଲେ ନାହିଁ ବୋଲି ସନ୍ଦେହ ସୃଷ୍ଟି ହେଉଛି। ଅନ୍ୟପଟେ ଅବକାରୀ ବିଭାଗ ମଦ କାରଖାନା ଉପରେ ଚଢାଉ କରି ଘର ମାଲିକଙ୍କୁ ଗିରଫ କରି ବାହାବା ନେଉଛ। ବାସ୍ତବରେ ଏହା ୮ ମାସ ନୁହେଁ, ପ୍ରାୟ ୨ବର୍ଷ ହେଲା ଚାଲିଥିବା ସ୍ଥାନୀୟ ଲୋକ କହିଛନ୍ତି। ଅବକାରୀ ବିଭାଗ ନିଜର ଛବି କାଳେ ଖରାପ ହୋଇଯିବ ସେଥିପାଇଁ କମ୍ ଦିନ ହେବ ମଦ ତିଆରି କରାଯାଉଥିଲା ଓ ଜିଲା ବାହାରେ ବିକ୍ରି ହେଉଥିଲା ବୋଲି ସୂଚନା ଦେଉଛି। କେବଳ ରାନିଖିଣ୍ଡା ନୁହେଁ, ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ନକଲି ବିଦେଶୀ ମଦ ତିଆରି କରି ବିକ୍ରି କରାଯାଉଛି। କିଛିମାସ ପୂର୍ବରୁ ଯୁଯୁମୁରା ରେଳ ଷ୍ଟେଶନ ନିକଟରେ ମଦ ତିଆରି କରିବା ପାଇଁ ବିଭିନ୍ନ କମ୍ପାନୀର ଲୋଗୋ, ଖାଲି ବୋତଲ, ଠିପି ପଡି ରହିଥିଲା। ଖବର ପ୍ରକାଶ ପରେ ଅବକାରୀ ବିଭାଗ ତଦନ୍ତ କରି ବୋତଲ ଓ ଅନ୍ୟ ସାମଗ୍ରୀ ଜବତ କରିଥିଲା। ହେଲେ ତିଆରି କରୁଥିବା ଅଭିଯୁକ୍ତଙ୍କ ନିକଟରେ ପହଞ୍ଚି ପାରି ନ ଥିଲା। ସେହିପରି ସହର ଭିତରେ ଦେଉଳବନ୍ଧ ନିକଟରେ ନକଲି ମଦ ତିଆରି କାରଖାନା ଉପରେ ଚଢାଉ କରି ଜଣଙ୍କୁ ଗିରଫ କରିଥିଲା। ଏଠାରୁ ବ୍ୟାପକ ମଦ ତିଆରି ସାମଗ୍ରୀ ଜବତ ହୋଇଥିଲା। ବିଶେଷ କରି ନକଲି ମଦ କୁଟିଆମାନେ ବିକ୍ରି କରୁଥିବା ବେଳେ ବିଦେଶୀ ମଦ ଦୋକାନରେ ବିକ୍ରି ହୋଇଥାଏ ବୋଲି ଅଭିଯୋଗ ହେଉଛି। ଟିକସ ଫାଙ୍କିବା, ନକଲି ମଦକୁ ଅସଲି ଦରରେ ବିକ୍ରି କରି ଅଧିକ ଲାଭ କମାଇବା ପାଇଁ ଏଭଳି କରାଯାଉଥିବା ଆଲୋଚନା ହେଉଛି। ଶୁକ୍ରବାର ଘଟଣାରେ ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଯାଇଥିବା ଅବକାରୀ ବିଭାଗ ସୂଚନା ଦେଇଥିଲା। ହେଲେ ମୁଖ୍ୟ ଅଭିଯୁକ୍ତ ଜଶବୀରଙ୍କୁ ଅବକାରୀ ବିଭାଗ ଗିରଫ କରିବ ନା ଫେରାର ଦର୍ଶାଇ ଜାମିନରେ ଆସିବା ପର୍ଯ୍ୟନ୍ତ ସମୟ ଦେବ ତାହାକୁ ନେଇ ଚର୍ଚ୍ଚା ଚାଲିଛି। ଏ ସମ୍ପର୍କରେ ଅବକାରୀ ବିଭାଗ ଡେପୁଟି କମିଶନର ରାଜେନ୍ଦ୍ର ବୋଥ୍ରା କହିଛନ୍ତି, ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ଚଢାଉ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯାଉଛି। ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ଟିମ୍ ତନାଘନା କରୁଛନ୍ତି। ହେଲେ ଆଜି କୌଣସି ସ୍ଥାନରେ ଚଢାଉ କରାଯାଉ ନାହିଁ ବୋଲି କହିଥିଲେ।

# କୁଚିଣ୍ଡାରେ ସମବାୟ ବ୍ୟାଙ୍କିଙ୍ଗ୍ ସେବା ଓ ଋଣ କର୍ମଶାଳା



କର୍ମଶାଳାରେ ଯୋଗଦେଇଥିବା ଅତିଥିମାନେ।

କୁଚିଣ୍ଡା,୨୫।୩(ଡି.ଏନ.ଏ.)

କୁଚିଣ୍ଡା ଟାଉନ ହଲଠାରେ କୁଚିଣ୍ଡା ଲ୍ୟାମ୍ପ୍ସ ସମିତି ସ୍ତରୀୟ ସମବାୟ ବ୍ୟାଙ୍କିଙ୍ଗ୍ ସେବା ଓ ଋଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଲ୍ୟାମ୍ପ୍ସ ସମିତି ସଭାପତି ନବୀନ ଚନ୍ଦ୍ର ମାଝିଙ୍କ ଅଧକ୍ଷତାରେ ହୋଇଥିବା କର୍ମଶାଳାରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟଅତିଥି, ସମ୍ବଲପୁର ଜିଲାପରିଷଦ ଅଧକ୍ଷା କୁମୁଦିନୀ ନାୟକ ମୁଖ୍ୟ ବକ୍ତା, ଉପଜିଲାପାଳ ବିଭୂତି ଭୂଷଣ ନାୟକ, ତହସିଲଦାର ପ୍ରସନ୍ନ ଟେଟେ, ଏଆର୍‌ସିଏସ୍ ଭବାନୀକାନ୍ତ ନାଏକ, ଜିଲା ପରିଷଦ ସଭ୍ୟ ଅଜିତ ମହାପାତ୍ର ଓ ଦିବ୍ୟରାଜ କିଷାନ, କୁଚିଣ୍ଡା ପଞ୍ଚାୟତ ସମିତି ଅଧକ୍ଷ ଭୁବନେଶ୍ୱର କିଷାନ, କୁଚିଣ୍ଡା ସମବାୟ ବ୍ୟାଙ୍କ ମ୍ୟାନେଜର ପ୍ରଦୀପ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ସମବାୟ ବିଭାଗ ପକ୍ଷରୁ ବିନା ସୁଧରେ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ କେସିସି ଋଣ ଓ ୩ରୁ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଏସ୍‌ଏଚ୍‌ଜି ଗ୍ରୁପଙ୍କୁ ଋଣ ପ୍ରଦାନ ବ୍ୟବସ୍ଥା ରହିଥିବା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଉସତ ରାମ ପଟେଲଙ୍କୁ ବର୍ଷିୟାନ ସମବାୟବିତ୍ ସମ୍ମାନ, ମକରଧ୍ୱଜ ପଟେଲଙ୍କୁ ସମବାୟ ଶ୍ରୀ ସମ୍ମାନ, ଜତୀନ୍ଦ୍ର କିଶୋର ପଣ୍ଡା, ଜଗଦା ନନ୍ଦ ନାୟକ, ଗଜେନ୍ଦ୍ର ଭଇଁଷା, ପ୍ରମୋଦ ପୁଷେଠଙ୍କୁ ସମବାୟ ସାଥୀ ସମ୍ମାନ, ଜଗବନ୍ଧୁ ପୃଷେଠ, ଯୋଗେଶ୍ୱର କିଷାନ, ହରିଶଙ୍କର ଶର୍ମାଙ୍କୁ ସମବାୟ ବନ୍ଧୁ ସମ୍ମାନ ଓ ମା' ତାରିଣୀ ସ୍ୱୟଂସହାୟକ ଗୋଷ୍ଠୀକୁ ସଫଳ ମହିଳା ଉଦ୍ୟୋଗୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିରେ ତେଲିତିଲେଇମାଲ, ବକ୍ସମା, ଚନ୍ଦନିମାଲ, କୁଲେଇଗଡ, କୁଟୁରାଚୁଆଁ, ହାଡିପାଲି ପଞ୍ଚାୟତ ଓ କୁଚିଣ୍ଡା ଏନ୍‌ଏସିର ଚାଷୀମାନେ ଯୋଗ ଦେଇଥିଲେ। କୁଚିଣ୍ଡା ଲ୍ୟାମ୍ପ ପରିଚାଳନା ନିର୍ଦ୍ଦେଶକ ସରୋଜ ସାହୁ ସ୍ୱାଗତ ଭାଷଣ ଓ ଶେଷରେ ଧନ୍ୟବାଦ ଦେଇଥିଲେ। ସାମାଜିକ କର୍ମୀ ମଳୟ ବେହେରା ସଭା ପରିଚାଳନା କରିଥିଲେ।

# ବ୍ରଜରାଜନଗର ଅଞ୍ଚଳରେ ହାତୀପଲ, ଲୋକେ ଭୟଭୀତ

ବ୍ରଜରାଜନଗର, ୨୫।୩(ଡି.ଏନ.ଏ.)

ସୁନ୍ଦରଗଡ ହେମଗିର ଜଙ୍ଗଲରୁ ଲକେଟଝରଣ ଜଙ୍ଗଲ ଦେଇ ଶୁକ୍ରବାର ୬ ଟିକିଆ ହାତୀପଲ ବ୍ରଜରାଜନଗର ବନାଞ୍ଚଳ ଅନ୍ତର୍ଗତ ମଧୁପୁର ଜଙ୍ଗଲରେ ପ୍ରବେଶ କରିଥିଲେ। ଖବର ପାଇବା ପରେ ବ୍ରଜରାଜନଗର ବନାଞ୍ଚଳ କର୍ମଚାରୀମାନେ ହାତୀପଲକୁ ଘଉଡାଇବାକୁ ଉଦ୍ୟମ ଜାରି ରଖିଥିଲେ। ପରେ ହାତୀମାନେ ଜମେରା ଗ୍ରାମ ଜଙ୍ଗଲରେ ପ୍ରବେଶ କରିଥିବା ଖବର ପ୍ରଚାରିତ ହେବା ପରେ ଉଭୟ ଜିଲାର ସୀମାନ୍ତବର୍ତ୍ତୀ ଗ୍ରାମବାସୀ ଭୟଭୀତ ହୋଇପଡିଛନ୍ତି। ଅନ୍ୟପଟେ ସୁନ୍ଦରଗଡ ଜିଲାର କେତେକ କୋଇଲା ଖଣିକୁ ଲୋକେ କାମ କରିବା ପାଇଁ ମଧୁପୁର ରାସ୍ତା ଦେଇ ଯାଇଥାନ୍ତି। ହେଲେ ହାତୀପଲ ଜଙ୍ଗଲରେ ଥିବା ଖବର ପାଇବା ପରେ ଲୋକମାନେ ଉକ୍ତ ବାଟ ଦେଇ ଯିବାକୁ ଭୟ କରିଥିଲେ। ଅନ୍ୟପଟେ ହାତୀଙ୍କ ଚଲାପଥ କେଛୋବାହାଲଠାରେ ରେଳପଥ ଥିବା କାରଣରୁ କୋଇଲା ପରିବହନକାରୀ ଟ୍ରେନ୍‌ର ଗତି କମାଇବା ସହିତ ବିଦ୍ୟୁତ ବିଭାଗକୁ ସଜାଗ ରହିବାକୁ ବ୍ରଜରାଜନଗର ରେଞ୍ଜର ଆରତୀ ନେଗି ଲିଖିତ ଭାବେ ଜଣାଇଥିବା ସୂଚନା ଦେଇଛନ୍ତି। ଶନିବାର ହାତୀ ପଲ ଜମେରା ଜଙ୍ଗଲରେ ଥିବାରୁ ଜିଲା ବନ ବିଭାଗ ନଜର ରଖିବା ସହ ଗ୍ରାମବାସୀଙ୍କୁ ସଜାଗ ରହିବାକୁ କହିଛି।

# ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଉଦ୍‌ଘାଟିତ

ବେଲପାହାଡ଼,୨୫।୩(ଡି.ଏନ.ଏ.)

ବେଲପାହାଡ଼ ପୌରାଞ୍ଚଳ ଅନ୍ତର୍ଗତ ମୁଚବାହାଲଠାରେ ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରକୁ ଝାରସୁଗୁଡ଼ା ଜିଲାପାଳ ସରୋଜ କୁମାର ସାମଲ ଶନିବାର ଉଦ୍‌ଘାଟନ କରିଛନ୍ତି। ଏଠାରେ ଜଣେ ଡାକ୍ତର, ପାର୍ଟ ଟାଇମ ଭୌତିକ ଚିକିତ୍ସକ ଓ ଯୋଗ ଶିକ୍ଷକଙ୍କ ସମେତ ଫାର୍ମାସିଷ୍ଟ, ଡ୍ରେସର, ଷ୍ଟାଫ ନର୍ସ, ସୁଇପର ଓ ରାତ୍ର ଜଗୁଆଳୀ ନିୟୋଜିତ ଅଛନ୍ତି। ପ୍ରତ୍ୟହ ସକାଳ ୮ଟାରୁ ଦିନ ୧୧ଟା ଓ ସନ୍ଧ୍ୟା ୫ରୁ ରାତି ୮ଟା ପର୍ଯ୍ୟନ୍ତ ଏହି ସ୍ୱାସ୍ଥ୍ୟ କେନ୍ଦ୍ର ସେବା ପ୍ରଦାନ କରିବ। ଏହି କେନ୍ଦ୍ରରେ ରୋଗୀମାନଙ୍କୁ ମାଗଣାରେ ସ୍ୱାସ୍ଥ୍ୟ ପରୀକ୍ଷା, ଚିକିତ୍ସା ସହ



ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲାପାଳ ଓ ଅନ୍ୟମାନେ।

ଔଷଧ ପ୍ରଦାନ କରାଯିବ। ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ତପିରାମ ମାଝି, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଡୋଳାମଣି ପଟେଲ, ଡିପିଏମ୍ ରଞ୍ଜନ ପରିଜା, ଡା. ପ୍ରବିତାଞ୍ଜଳି ସାହୁ, ଏପିଏମ୍ ଶୁଭକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ବଦ୍ରିପ୍ରସାଦ ଇନ୍‌ଷ୍ଟିଚ୍ୟୁଟ୍‌ରେ ସ୍ପ୍ରିଙ୍ଗଫେଷ୍ଟ



ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

ସମ୍ବଲପୁର,୨୫।୩(ବ୍ୟୁରୋ)

ସମ୍ବଲପୁର ଦେବେଇପାଲି ବଦ୍ରିପ୍ରସାଦ ଇନ୍‌ଷ୍ଟିଚ୍ୟୁଟରେ ସ୍ପ୍ରିଙ୍ଗଫେଷ୍ଟ -୨୦୨୩ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଙ୍ଗୀତ, ନୃତ୍ୟ ଆଦି କାର୍ଯ୍ୟକ୍ରମ ହୋଇଥିଲା। ତୃତୀୟ ଦିନରେ ଉତ୍ସବ ଉଦ୍‌ଯାପିତ ହୋଇଥିଲା। ଡିପ୍ଲୋମା, ବିସିଏ, ବିବିଏ, ବି.କମ୍, ନର୍ସିଂ ଆଦି ବିଭାଗର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରଥମ ଦିନରେ ଡିପ୍ଲୋମା ଇଞ୍ଜିନିୟରିଂ ଛାତ୍ରମାନେ ୨୬ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ପ୍ରଜାପିତା ବ୍ରହ୍ମାକୁମାରୀଙ୍କ ଦ୍ୱାରା ଆଧ୍ୟାତ୍ମିକ ଆଲୋଚନା ସହିତ ଦ୍ୱିତୀୟ ଦିନ ଆରମ୍ଭ ହୋଇଥିଲା। ବିତର୍କ, ପ୍ରବନ୍ଧ, ଗୀତ, ନୃତ୍ୟ, ଚିତ୍ରକଳା ଭଳି ପ୍ରତିଯୋଗିତା ହୋଇଥିଲା। ଛାତ୍ରୀଛାତ୍ର ପ୍ରତିଭା ପ୍ରଦର୍ଶନ କରି ବିଚାରପତିଙ୍କ ଦ୍ୱାରା ପ୍ରଶଂସିତ ହୋଇଥିଲେ। ଅନୁଷ୍ଠାନର ଅଧକ୍ଷ ଜୟପ୍ରକାଶ ଅଗ୍ରୱାଲ, ସଚିବ ସଞ୍ଜୀବ ଅଗ୍ରୱାଲ, ପ୍ରିନ୍ସିପାଲ୍ ସୋମ୍ୟଜିତ ମିଶ୍ର, ପରିଚାଳନା ସଦସ୍ୟ ଆଦର୍ଶ ଅଗ୍ରୱାଲ, ହର୍ଷିତା ଅଗ୍ରୱାଲ ଉତ୍ସବରେ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ।

### ଓକିଲ ସଂଘ ନିର୍ବାଚନ

ନର୍ଲା,୨୫।୩(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ଓକିଲ ସଂଘ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏହି ନିର୍ବାଚନରେ ସଭାପତି ଭାବେ ଚନ୍ଦ୍ରଶେଖର ଚାନ୍ଦ, ଉପସଭାପତି କୁବେର ଚନ୍ଦ୍ର ସାହୁ, ସଂପାଦକ ଡୋଲେଶ୍ୱର ସାହୁ, ସହସଂପାଦକ ବିଭୂତି ଭୂଷଣ ବହିଦାର, କୋଷାଧକ୍ଷ କ୍ଷୀତିଶ କୁମାର ମହାପାତ୍ର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି।

# ସ୍କୁଲ ଫି ଛାଡ଼ ପାଇଁ ସିଏମ୍‌ଡିଙ୍କୁ ଦାବିପତ୍ର

ବ୍ରଜରାଜନଗର,୨୫।୩ (ଡି.ଏନ.ଏ.)

ବ୍ରଜରାଜନଗର ସହରାଞ୍ଚଳରେ ଥିବା ଦୁଇଗୋଟି ଡିଏଭି ସ୍କୁଲର ଛାତ୍ରୀଛାତ୍ରଙ୍କ ଫି ଛାଡ କରିବା ପାଇଁ ଏମ୍‌ସିଏଲ୍ ସିଏମ୍‌ଡି ଓମ୍ ପ୍ରକାଶ ସିଂଙ୍କୁ ଅଭିଭାବକମାନେ ଦାବିପତ୍ର ଦେଇଛନ୍ତି। ବିଶେଷ କରି ଅଣ କର୍ମଚାରୀଙ୍କ ପିଲାମାନେ କିପରି ମାଗଣାରେ ପାଠ ପଢିବେ ସେଥିପ୍ରତି ଏମ୍‌ସିଏଲ୍ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ଅଭିଭାବକମାନେ ନିବେଦନ କରିଥିଲେ। ସୂଚନାଯୋଗ୍ୟ ବ୍ରଜରାଜନଗର ଅଞ୍ଚଳରେ ଦୁଇଗୋଟି ଡ଼ିଏଭି ସ୍କୁଲ ପରିଚାଳନା ଦାୟିତ୍ୱ ଏମ୍‌ସିଏଲ୍ ତୁଲାଇ ଆସୁଛି।

# ବ୍ୟାଙ୍କିଙ୍ଗ୍ ସେବା ଓ ଋଣ କର୍ମଶାଳା

ରେଙ୍ଗାଲି,୨୫।୩(ଡି.ଏନ.ଏ.)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଲପଙ୍ଗାଠାରେ ସମିତିସ୍ତରୀୟ ବ୍ୟାଙ୍କିଙ୍ଗ୍ ସେବା ଓ ଋଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଲପଙ୍ଗା ଜଗନ୍ନାଥ ସତ୍‌ସଙ୍ଗ ଭବନଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରେଙ୍ଗାଲି ଜୋନ ୧ ଜିଲା ପରିଷଦ ସଭ୍ୟା ଚୋଳଶ୍ରୀ ମହାନନ୍ଦ, ଲପଙ୍ଗା ସମିତି ସଭ୍ୟ କିରଣ ବେହେରା, ସମ୍ବଲପୁର କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ରେଙ୍ଗାଲି ଶାଖା ପରିଚାଳକ ଚନ୍ଦନ କୁମାର ଦାସ, ଲିଙ୍ଗରାଜ ଦାସ, ନରୋତ୍ତମ ବେହେରା, ନାରାୟଣ ମାଝି, ଗୌରୀଶଙ୍କର ଧରୁଆ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଲପଙ୍ଗା ପୂର୍ବତନ ସରପଞ୍ଚ ସ୍ୱର୍ଗତ ବିନୋଦ ବିହାରୀ ବେହେରାଙ୍କ ଆତ୍ମାର ଶାନ୍ତି ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଲପଙ୍ଗା ସେବା ସମିତି ସମ୍ପାଦକ ବୃଷଭାନୁ ଭୋଇ ପରିଚାଳନା କରିଥିବା ବେଳେ ବାବୁ ଖିଣ୍ଡା ସେବା ସମିତି ସମ୍ପାଦକ ପ୍ୟାରୀମୋହନ ବୁଦ୍ଧିଆ ଧନ୍ୟବାଦ ଦେଇଥିଲେ।





କର୍ମଶାଳାରେ ଯୋଗଦେଇଥିବା ଅତିଥିମାନେ।

# ହୀରାଖଣ୍ଡ ନାଟ୍ୟ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

**ନାଟକ ତା' ମାଆର କାହାଣୀ ମଞ୍ଚସ୍ଥ**

ସମ୍ବଲପୁର,୨୫।୩(ବ୍ୟୁରୋ)

ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିସର ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟଠାରେ ଚାଲିଥିବା ହୀରାଖଣ୍ଡ ନାଟ୍ୟ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ତା' ମାଆର କାହାଣୀ ନାଟକ ମଞ୍ଚସ୍ଥ ହୋଇଛି। ଭୁବନେଶ୍ୱର ଜୀବନ ରେଖା ଅନୁଷ୍ଠାନ ପ୍ରସ୍ତୁତ ନାଟକ ପ୍ରଚଳିତ ସାମାଜିକ ବ୍ୟବସ୍ଥା ବିରୋଧରେ ନାରୀ ସଂଘର୍ଷର କଥା ବସ୍ତୁ ରହିଛି। ଏହି ନାଟକଟିକୁ ଓଡ଼ିଆ ନାଟ୍ୟରୂପ ଦେଇଥିଲେ ରତ୍ନମାଳା ସ୍ୱାଇଁ। ସଂଗୀତରେ ପ୍ରତାପ ରାଉତ, ମଞ୍ଚକୁ ଚିନ୍ତାମଣୀ ବିଶ୍ୱାଳ, ଆଲୋକରେ ସଞ୍ଜୟ ସାହା, ରୂପସଜ୍ଜା ପୋଷାକରେ ଶୀତଲ ପଟ୍ଟନାୟକ, ଅଭିନୟରେ କଳାକାର କୀର୍ତ୍ତି ମହାନ୍ତି, ବୈଷୟିକ ନିର୍ଦ୍ଦେଶନା



କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଦୀପନ୍ୱିତ ଦାଶ ମହାପାତ୍ର, ସହଯୋଗିତା କରିଥିଲେ ଅମରେନ୍ଦ୍ର ସାହୁ ଓ ନିର୍ଦ୍ଦେଶନା ଦେଇଥିଲେ ଅଭିନ୍ନ ରାଉତରାୟ। ସମ୍ବଲପୁର ମହାନଗର ନିଗମର ଉପାୟୁକ୍ତ ସୀମା କୁଲୁ ମୁଖ୍ୟଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ନାଟକ କିଭଳି ଯୁବ ସମାଜ ଉପରେ ଏକ ସକରାତ୍ମକ ପ୍ରଭାବ ପକାଉଛି ତା' ଉପରେ ଆଲୋକପାତ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ବିଧୁଭୂଷଣ ମିଶ୍ର, ନାଟ୍ୟ ନିର୍ଦ୍ଦେଶକ ବ୍ରଜେନ୍ଦ୍ର ନାୟକ ଅନ୍ୟତମ ଅତିଥି ଭାବରେ ଯୋଗଦେଇଥିଲେ। କୁଳସଚିବ ଡ. ନୃପରାଜ ସାହୁଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ହୋଇଥିବା ବେଳେ ଅଦୃଶ୍ୟ ନାଟ୍ୟଶ୍ରମର ନିର୍ଦ୍ଦେଶକ ଅତୀଶ କୁମାର ଶତପଥି ପରିଚାଳନା କରିଥିଲେ। ନରେନ୍ଦ୍ର ବେହେରା, ବଳରାମ ହୋତା, ଶୁଭମ ମେହେର, ରାହୁଲ ଗୁପ୍ତା, ସୁମିତ୍ରା ମାହାକୁର, ଶର୍ମିଷ୍ଠା ପ୍ରଧାନ, ପଙ୍କଜିନୀ ମେହେର ସହଯୋଗ କରିଥିଲେ।

### ଟିଟିଲାଗଡ଼ ରେଳ ବିଭାଗର ହୋଲଡିଂ ଟିକସ ବକେୟା

ଟିଟିଲାଗଡ଼,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଟିଟିଲାଗଡ଼ ପୌର ପରିଷଦକୁ ରେଳ ବିଭାଗ ଗତ ୨୦୦୯ ମସିହାରୁ ହୋଲଡିଂ ଟିକସ ବାବଦକୁ ୯,୦୧,୫୪୫ ଟଙ୍କା ଦେଇନାହିଁ। ଏଥିପାଇଁ ପୌର ପରିଷଦ ପକ୍ଷରୁ ସ୍ଥାନୀୟ ଅଧିକାରୀ ଓ ଏହାର ନକଲ ଡ଼ିଆରଏମ ସମ୍ବଲପୁରଙ୍କୁ ଡିମାଣ୍ଡ ନୋଟିସ ପ୍ରଦାନ କରାଯାଇଛି। ଏ ନେଇ ପୌର ପରିଷଦ ନିର୍ବାହୀ ଅଧିକାରୀ ବିପିନବିହାରୀ ଦୀପ ସୂଚନା ଦେଇଛନ୍ତି। ବକେୟା ଓ ଚଳିତ ବର୍ଷର ହୋଲଡିଂ ଟିକସ୍ ବାବଦ ରାଶି ତୁରନ୍ତ ପ୍ରଦାନ କରିବାକୁ ନୋଟିସ୍‌ରେ ଉଲ୍ଲେଖ ହୋଇଛି।

## ସଂକ୍ଷେପରେ

### ଖଡ଼ିଆଳ ଓକିଲ ସଂଘ ନିର୍ବାଚନ: ସଭାପତି ହେଲେ ଗୋବର୍ଦ୍ଧନ ସୁନା

**ଖଡ଼ିଆଳ,୨୫।୩(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡ଼ିଆଳ ଓକିଲ ସଂଘ ନିର୍ବାଚନ ଶାନ୍ତିପୂର୍ଣ୍ଣ ଭାବରେ ଶେଷ ହୋଇଯାଇଛି। ନୂତନ ସଭାପତି ଭାବେ ଗୋବର୍ଦ୍ଧନ ସୁନା ବିଜୟୀ ହୋଇଛନ୍ତି।


ଗୋବର୍ଦ୍ଧନ ସୁନା।

ଶନିବାର ଖଡ଼ିଆଳ ବାର ହଲଠାରେ ସଭାପତି ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଗୋବର୍ଦ୍ଧନ ସଭାପତି ଭାବେ ୨୦ଖଣ୍ଡ ଭୋଟ ପାଇଥିବାବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ଦିନେଶ ତିୱାରୀ ୧୬ ଖଣ୍ଡ ଭୋଟ ପାଇଥିଲେ। ଓକିଲ ସଂଘର ୪୦ ଜଣ ଭୋଟର ରହିଥିବା ବେଳେ ୩୭ ଜଣ ନିଜ ମତ ସାବ୍ୟସ୍ତ କରିଥିଲେ। ସେଥିରୁ ଗୋଟିଏ ଭୋଟ ନାକଚ ହୋଇଥିବା ନିର୍ବାଚନ ଅଧିକାରୀ ଅସୀତ ଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି। ସଂଘର ଉପସଭାପତି ଭାବେ ନନ୍ଦଲାଲ ପାଣ୍ଡେ, ସମ୍ପାଦକ ଭାବେ କିଶୋର ବାଗ, ଯୁଗ୍ମ ସମ୍ପାଦକ ଭାବେ ଦଶରଥ ଭୋଇ, କୋଷାଧକ୍ଷ ପାଣ୍ଡବ କୁମାର ନିର୍ଦ୍ୱନ୍ଦରେ ବିଜୟୀ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ ସଦସ୍ୟ ଭାବେ ମହେନ୍ଦ୍ର କୁମାର ଦାଶ, ସତ୍ୟପ୍ରିୟ ମୁଣ୍ଡ ଏବଂ ଅଚ୍ୟୁତ ନନ୍ଦ ନାଗ ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି।

### ବଲାଙ୍ଗୀର ଜିଲା ଓକିଲ ସଂଘର ନୂତନ କାର୍ଯ୍ୟକର୍ତ୍ତା

**ଅମରେଶ ସଭାପତି, ଅମନ ସମ୍ପାଦକ**

**ବଲାଙ୍ଗୀର ଅଫିସ, ୨୫।୩:** ବଲାଙ୍ଗୀର ଜିଲା ଓକିଲ ସଂଘ କର୍ମକର୍ତ୍ତା ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଛି। ଆଡଭୋକେଟ ଅମରେଶ ତ୍ରିପାଠୀ ସଭାପତି, ଦେବାଶିଷ ବିଶ୍ୱାଳ ଉପସଭାପତି, ଅମନ ନାଗ ସମ୍ପାଦକ, ସମୀର କୁମାର ମିଶ୍ର କୋଷାଧକ୍ଷ, ସୂର୍ଯ୍ୟକାନ୍ତ ବାଗ ଯୁଗ୍ମ ସମ୍ପାଦକ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟନିର୍ବାହୀ ସଦସ୍ୟଭାବେ ଆଡଭୋକେଟ ଦିଲୀପ କୁମାର ବିଶି, ବିଜୟାନନ୍ଦ ମିଶ୍ର, ଶ୍ରୀନିବାସ ରାଓ, ସନ୍ତୋଷ କୁମାର ପାଣିଗ୍ରାହୀ, ଆର୍ତ୍ତତ୍ରାଣ ପୁରୋହିତ, ସତ୍ରଜିତ ସାହୁ, ରାଣୀସ୍ୱିଟାବାଗ୍ମି ପଦ୍ମା, ଶିବଦତ୍ତ ଦ୍ୱିବେଦୀ, ପ୍ରମୋଦ କୁମାର ବହିଦାର ମନୋନୀତ ହୋଇଛନ୍ତି।

### ସ୍କୁଲ ଫି ଛାଡ଼ ପାଇଁ ସିଏମ୍‌ଡିଙ୍କୁ ଦାବିପତ୍ର

**ବ୍ରଜରାଜନଗର,୨୫।୩ (ଡି.ଏନ.ଏ.):** ବ୍ରଜରାଜନଗର ସହରାଞ୍ଚଳରେ ଥିବା ଦୁଇଗୋଟି ଡିଏଭି ସ୍କୁଲର ଛାତ୍ରୀଛାତ୍ରଙ୍କ ଫି ଛାଡ କରିବା ପାଇଁ ଏମ୍‌ସିଏଲ୍ ସିଏମ୍‌ଡି ଓମ୍ ପ୍ରକାଶ ସିଂଙ୍କୁ ଅଭିଭାବକମାନେ ଦାବିପତ୍ର ଦେଇଛନ୍ତି। ବିଶେଷ କରି ଅଣ କର୍ମଚାରୀଙ୍କ ପିଲାମାନେ କିପରି ମାଗଣାରେ ପାଠ ପଢ଼ିବେ ସେଥିପ୍ରତି ଏମ୍‌ସିଏଲ୍ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ଅଭିଭାବକମାନେ ନିବେଦନ କରିଥିଲେ। ସୂଚନାଯୋଗ୍ୟ ବ୍ରଜରାଜନଗର ଅଞ୍ଚଳରେ ଦୁଇଗୋଟି ଡ଼ିଏଭି ସ୍କୁଲ ପରିଚାଳନା ଦାୟିତ୍ୱ ଏମ୍‌ସିଏଲ୍ ତୁଲାଇ ଆସୁଛି।

# ବିଭାଗୀୟ ତଦନ୍ତ ଆରମ୍ଭ

**ପ୍ରଧାନଶିକ୍ଷକଙ୍କ ମାଡ଼ରେ ଛାତ୍ରୀଙ୍କ ହାତ ଭାଙ୍ଗିବା ଘଟଣା**

- ଆହତ ଛାତ୍ରୀଙ୍କୁ ଭେଟିଲେ, ସ୍କୁଲରେ ପଚରାଉଚରା
- ସମ୍ପୃକ୍ତ ଶିକ୍ଷକ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ଏବିଇଓ
- ପରୀକ୍ଷା ଦେଇପାରିଲେନି ଛାତ୍ରୀ

**ବେଲପଡା,୨୫।୩ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ବେଲପଡା ଥାନା ଅନ୍ତର୍ଗତ କଦଳୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବାଲକୃଷ୍ଣ ଶବର ଚତୁର୍ଥ ଶ୍ରେଣୀ ଛାତ୍ରୀ ଅନୁ ନାଗଙ୍କୁ ଗୁରବାର ମାଡ଼ ମାରିଥିଲେ। ଏଥିରେ ଛାତ୍ରୀ ଅନୁଙ୍କ ଡାହାଣ ହାତ ଭାଙ୍ଗି ଯାଇଥିବା ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶ ପରେ ଶିକ୍ଷା ବିଭାଗ ତରଫରୁ ତତ୍ପରତା ପ୍ରକାଶ ପାଇଛି। ଘଟଣାର ତଦନ୍ତ ପାଇଁ ଶନିବାର ବେଲପଡା ଶିକ୍ଷା ବିଭାଗର ଏବିଇଓମାନେ ଅନୁ ନାଗଙ୍କ ଘରରେ ପହଞ୍ଚି ଘଟଣା ବିଷୟରେ ପଚାରି ବୁଝିଥିଲେ। ଛାତ୍ରୀ ଜଣକ ଅଧିକାରୀମାନଙ୍କ ସମ୍ମୁଖରେ ପ୍ରଧାନଶିକ୍ଷକ ଶବରଙ୍କ ଆଚରଣ ସମ୍ପର୍କରେ କହିଥିଲେ। ଘଟଣା ଦିନ ମୋତେ ଓଡ଼ିଆ ମିନିଙ୍ଗ ପଚାରିଥିଲେ। ମୁଁ ନ କହିପାରିବାରୁ ରାଗି ଯାଇ ମୋ ବାମ ହାତରେ ଏକ ବାଉଁଶ ବାଡ଼ିରେ ପିଟିଥିଲେ ବୋଲି କହିଥିଲେ। ପରେ ତଦନ୍ତକାରୀ ଦଳ ସ୍କୁଲକୁ ଯାଇ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କୁ ଘଟଣା ସମ୍ପର୍କରେ ପଚାରି ଥିଲେ। ଶନିବାର ପ୍ରଧାନଶିକ୍ଷକ ସ୍କୁଲରେ ଛୁଟି ଦରଖସ୍ତ ଦେଇ ଅନୁପସ୍ଥିତ ରହିଥିଲେ। ତଦନ୍ତରେ ଏବିଡିଓ ଜଗବନ୍ଧୁ ମାଝି,ଏବିଇଓ ଚତୁର୍ଭୁଜ ମିର୍ଦ୍ଧା, ଏବିଇଓ ରଘୁନାଥ ମହରାଙ୍କ ସହ କଦଳୀ ସ୍କୁଲର ସିଆରସସି ପ୍ରଦୀପ ସିଂ ବାବୁ, କପାଣି ସିଆରସସି ରଞ୍ଜନ ମେହର,ଥୁଡିବାହାଲ ସିଆରସସି, ବିପି ସିଂ ନାଏକ ଓ ପ୍ରମୋଦ ଥାନାପତି ପ୍ରମୁଖ ସାମିଲ ହୋଇଥିଲେ।

ସୂଚନାଯୋଗ୍ୟ ଯେ, ପ୍ରଧାନଶିକ୍ଷକ ଶବର ପ୍ରାୟ ଦିନ ସ୍କୁଲକୁ ବିଳମ୍ବରେ ଆସିଥାନ୍ତି ବୋଲି ଛାତ୍ରୀଛାତ୍ର ଓ ଅଭିଭାବାକମାନେ ତଦାନ୍ତକରୀ ଅଧିକାରୀମାନଙ୍କୁ କହିଥିଲେ। ଅନୁଙ୍କୁ ମାଡ଼ ମାରିବା ଦିନଠାରୁ ଆଉ ସ୍କୁଲକୁ ଆସୁ ନ ଥିବା ଓ ମାଡ଼ ଖାଇ ହାତ ଭାଙ୍ଗିଯିବା ପରେ ଛାତ୍ରୀ ମଧ୍ୟ ସ୍କୁଲକୁ ଆସି ପରୀକ୍ଷା ଦେଇପାରୁ ନ ଥିବା ଜଣାଯାଇଛି। ପୂର୍ବରୁ ମଧ୍ୟ ଶବର ସାମାନ୍ୟ କଥାରେ ଛାତ୍ରୀଛାତ୍ରଙ୍କୁ ମାଡ଼ ମାରୁଥିବା ନେଇ ସ୍କୁଲ ପରିଚାଳନା କମିଟି ଓ ଗ୍ରାମବାସୀଙ୍କ ମଧ୍ୟରେ ସଭା ହୋଇଛି ଓ ପ୍ରଧାନଶିକ୍ଷକ ଭୁଲ ମାଗିଛନ୍ତି ବୋଲି କମିଟି ସଦସ୍ୟ ଅଧିକାରୀଙ୍କୁ କହିଥିବା ଜଣାପଡିଛଇ।


ଶିକ୍ଷା ବିଭାଗ ଅଧିକାରୀ ଆହତ ଛାତ୍ରୀଙ୍କ ଘରକୁ ଯାଇ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି।

# ରାସ୍ତା ମଧ୍ୟରେ ତିନି ଫୁଟର ଗାତ, ବିପଦକୁ ନିମନ୍ତ୍ରଣ


ରାସ୍ତାରେ ତିନି ଫୁଟର ଗର୍ତ୍ତ ହୋଇଛି।

**ଖଡ଼ିଆଳ,୨୫।୩(ଡି.ଏନ.ଏ)**

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଛକ ସ୍ଥିତ ଚନାବେଡ଼ା ରାସ୍ତା କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖରେ ତିନି ଫୁଟର ଏକ ଗର୍ତ୍ତ ହୋଇଛି। ମୁଖ୍ୟତଃ ଏହି ରାସ୍ତା ଦେଇ ଖଡ଼ିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର, ତହସିଲ କାର୍ଯ୍ୟାଳୟ, କୋର୍ଟ, ବନବିଭାଗ, ଉପକାରାଗାର, ଦମକଳ କେନ୍ଦ୍ର, ବସଷ୍ଟାଣ୍ଡ ଥିବା ହେତୁ ପ୍ରତ୍ୟେକ ସମୟରେ ଏହି ରାସ୍ତା ଭିଡ଼ ହୋଇଥାଏ। ଏହି ଛକ ପାଖରେ ବ୍ଲକ କାର୍ଯ୍ୟାଳୟ ରହିଥିବା ହେତୁ ୨୬ଟି ବ୍ଲକର ଜନସାଧାରଣ ଯିବା ଆସିବା କରିଥାନ୍ତି। ଏହି ଗର୍ତ୍ତ ଯୋଗୁ ବିଭିନ୍ନ ସମୟରେ ଛୋଟ ବଡ ଦୁର୍ଘଟଣା ହେଉଥିବା ଅଭିଯୋଗ ହେଉଛି। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଶୀଘ୍ର ଗାତର ମରାମତି କରିବାକୁ ଖଡ଼ିଆଳବାସୀ ଦାବି କରିଛନ୍ତି।

# ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ କୁଇଜ୍ ପ୍ରତିଯୋଗିତା


କୁଇଜ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ର।

**କର୍ଲାମୁଣ୍ଡା,୨୫।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦରସ୍ଥିତ ପଞ୍ଚାୟତ ସମିତି ହାଇସ୍କୁଲଠାରେ ଅନ୍ତର୍ଜାତୀୟ କ୍ଷୁଦ୍ର ଶସ୍ୟ ବର୍ଷ ଉପଲକ୍ଷେ ମିଲେଟ ମିଶନ ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥା ଇଣ୍ଡୋ ଗ୍ଲୋବାଲ ସୋସିଆଲ ସର୍ଭିସ ସୋସାଇଟି ପକ୍ଷରୁ ଶନିବାର ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ କ୍ଷୁଦ୍ର ଜାତୀୟ ଶସ୍ୟ ସମ୍ବନ୍ଧୀୟ ଲିଖିତ କୁଇଜ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଏଥିରେ ୨୭ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ମାର୍କଣ୍ଡ ପାଢ଼ୀ, ବିପିସି ଜଗଦୀଶ ପ୍ରସାଦ ରଣା, ଏବିପିସି ପ୍ରଦୀପ କୁମାର ସାହୁ, ଶିକ୍ଷକ ରିଟନ ନାଗ ଯୋଗଦେଇ ପ୍ରତିଯୋଗିତା ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀ ମାନଙ୍କୁ ପ୍ରମାଣ ପତ୍ର ସହ ପୁରସ୍କୃତ କରାଯିବାକୁ ଥିବା ବିପିସି ଜଗଦୀଶ ରଣା ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଉକ୍ତ ବିଦ୍ୟାଳୟର ସୁବାଷ ସାହୁ ଓ ବିପ୍ର ଚରଣ ସାହୁ ସହଯୋଗ କରିଥିଲେ।

### କ୍ଷତିପୂରଣ ଦେବା ପରେ ମୃତଦେହ ଗାଁକୁ ନେଲେ ପରିବାର

**ଟ୍ରକ ଧକ୍କାରେ ଜଣେ ମୃତ**

**କୋକସରା,୨୫।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ଘାଟିରେ ଶନିବାର ସକାଳେ ଏକ ଟ୍ରକ ଧକ୍କାରେ ଗୁରୁତର ଆହତ ହୋଇ ଭବାନୀପାଟଣା ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଆମପାଣି ପଞ୍ଚାୟତ କନ୍ଦାଗଡ ଗାଁର ଫୁଲସିଙ୍ଗ ମାଝି(୫୨)। ପ୍ରକାଶ ଯେ, ଫୁଲସିଙ୍ଗ ବିରିମୁହାଣ ଗାଁରୁ ନିଜ ଗାଁ କନ୍ଦାଗଡକୁ ବାଇକ୍‌ରେ ଫେରିବା ବେଳେ ଆମପାଣି ଘାଟିର କୁସୁମଜୋର ବୁଲାଣି ନିକଟରେ ନବରଙ୍ଗପୁରକୁ ଯାଉଥିବା ଏକ ଟ୍ରକ (ନଂ ସିଜି ୦୪ ଏମ ଏନ ୩୮୯୨) ଧକ୍କା ଦେଇଥିଲା। ଗୁରୁତର ଆହତ ଅବସ୍ଥାରେ ତାଙ୍କୁ କୋକସରା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ଭବାନୀପାଟଣା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଫୁଲସିଙ୍ଗଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ଆମପାଣି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ ଓ ବାଇକ୍‌କୁ ଜବତ କରି ତଦନ୍ତ ଜାରି ରଖିଥିବା ବେଳେ ଟ୍ରକର ଡ୍ରାଇଭର ଧର୍ମଗଡ଼ ଥାନାରେ ଆତ୍ମ ସମର୍ପଣ କରିଥିବା ଜଣାପଡିଛି। ଅପରପକ୍ଷରେ ମୃତକଙ୍କ ପରିବାର ଲୋକେ ଓ ଗ୍ରାମବାସୀ ଆମପାଣି ଥାନା ସମ୍ମୁଖରେ ଏକାଠି ହୋଇ କ୍ଷତିପୂରଣ ଦାବି କରିଥିଲେ। ଖବର ପାଇ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ସାମାଜିକ କର୍ମୀ ସଞ୍ଜୟ ସିଙ୍ଘଲ, ଆମପାଣି ନାଏବ ସରପଞ୍ଚ ଭବାନୀ ଶଙ୍କର ପୁରୋହିତ, ଜିତେନ୍ଦ୍ର ପଣ୍ଡା, ମନୋରଞ୍ଜନ ବାଣୁଆ ଓ ପୋଲିସ ଟ୍ରକ ମାଲିକଙ୍କ ସହ ଆଲୋଚନା କରି କ୍ଷତିପୂରଣ ବାବଦରେ ୧ ଲକ୍ଷ ଟଙ୍କା ମୃତକଙ୍କ ପରିବାର ବର୍ଗଙ୍କୁ ଦେଇଥିଲେ । ପରେ ପରିବାର ଲୋକେ ମୃତଦେହ ଗାଁକୁ ନେଇଥିବା ଜଣାପଡିଛି। ଏନେଇ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

# ୫୦ ପ୍ରତିଶତ ବି ଯାଞ୍ଚ ପ୍ରକ୍ରିୟାରେ ସାମିଲ ହୋଇନାହାନ୍ତି

- ଡାକ ବିଭାଗ ନିଯୁକ୍ତିରେ ଚଞ୍ଚକତା ଅଭିଯୋଗ
- ବଲାଙ୍ଗୀର ପରେ କଳାହାଣ୍ଡିରେ ଆଶଙ୍କା
- ଯାଞ୍ଚ ପାଇଁ ଜଣେ ହେଲେ ଆସିଲେନି

**ଭବାନୀପାଟଣା,୨୫।୩(ସ୍ୱ.ପ୍ର.)**

ବଲାଙ୍ଗୀର ଡାକମଣ୍ଡଳର ବିଭିନ୍ନ ପଦବୀ ପାଇଁ ଆବେଦନ କରିଥିବା ଅଧିକାଂଶ ପ୍ରାର୍ଥୀଙ୍କ ମାଟ୍ରିକ୍ ମାର୍କଶିଟ୍ ଏବଂ ସାର୍ଟିଫିକେଟ୍ ନକଲି ସନ୍ଦେହ କରି ଡାକ ଅଧୀକ୍ଷକ ଥାନାରେ ଅଭିଯୋଗ କରିବା ପରେ ଘଟଣା ସାମ୍ନାକୁ ଆସିଥିଲା। କଳାହାଣ୍ଡି ଜିଲାରେ ମଧ ଡାକ ବିଭାଗର ଜିଡିଏସ ପଦବୀ ପାଇଁ ଏପରି ହୋଇଥିବା ସନ୍ଦେହ ସୃଷ୍ଟି ହୋଇଛି। ଏଠାରେ ୧୧୪ଟି ଗ୍ରାମୀଣ ଡାକସେବକ (ଜିଡିଏସ) ପଦବୀ ପାଇଁ ଯୁବତୀଯୁବକ ଆବେଦନ କରିଥିଲେ। ପରେ ମାର୍କ ଅନୁଯାୟୀ ୧୧୪ ଜଣ ଚୟନ ହୋଇଥିବା ତାଲିକା ପ୍ରକାଶ ପାଇଛି। ତେବେ ନିଯୁକ୍ତି ପାଇଁ ଗତ କିଛି ହେଲା ବିଭାଗ ପକ୍ଷରୁ ସାର୍ଟିଫିକେଟ ଯାଞ୍ଚ କରାଯାଉଛି। ହେଲେ ଆଶ୍ଚର୍ଯ୍ୟର କଥା ଯାଞ୍ଚ ପ୍ରକ୍ରିୟା ଶେଷ ପାଇଁ ଆଉ ଗୋଟିଏ ଦିନ ରହିଥିବା ବେଳେ ଅଦ୍ୟାବଧି ୫୦ ପ୍ରତିଶତ ପ୍ରାର୍ଥିନୀ ପ୍ରାର୍ଥୀ ଯାଞ୍ଚରେ ସାମିଲ ହୋଇନାହାନ୍ତି। ଏପରି କି ଶନିବାର ଭବାନୀପାଟଣା ବିଭାଗୀୟ ଡିଭିଜନ ଅଫିସକୁ ଯାଞ୍ଚ ସମୟରେ ଜଣେ ହେଲେ ଆସି ନ ଥିଲେ। ଯାହାଫଳରେ ବଲାଙ୍ଗୀର ପରେ କଳାହାଣ୍ଡିରେ ମଧ୍ୟ ଏପରି ଚଞ୍ଚକତା ହୋଇଥିବା ଆଶଙ୍କା କରାଯାଉଛି। ନକଲି ସାର୍ଟିଫକେଟ ଦେଇ ଚୟନ ହୋଇଥିବା ପ୍ରାର୍ଥିନୀ/ପ୍ରାର୍ଥୀମାନେ କାଳେ ବଲାଙ୍ଗୀର ଭଳି ଏଠାରେ ଧରା ପଡିଯିବେ ସେହି ଭୟରେ ଆସୁ ନ ଥିବା ଆଲୋଚନା ହେଉଛି। ଏ ନେଇ କଳାହାଣ୍ଡି ଭାରପ୍ରାପ୍ତ ଡାକ ଅଧୀକ୍ଷକ ରାଜ କିଶୋର ମହାରଣାଙ୍କୁ ପଚାରିବାରୁ ଯାଞ୍ଚ ପ୍ରକ୍ରିୟା ଆଉ ଗୋଟିଏ ଦିନ ରହିଛି। ହେଲେ ବର୍ତ୍ତମାନ ସୁଦ୍ଧା ୫୦ ପ୍ରତିଶତ ପିଲା ମଧ ଆସିନାହାନ୍ତି। ଶେଷ ଦିନ ଯାଞ୍ଚ ପରେ ଏହାର ସଠିକ ତଥ୍ୟ ଜଣାପଡିବ ବୋଲି ସେ କହିଥିଲେ।

# ଆମପାଣି ଓ କାଶିବାହଲ କୃଷି ସମବାୟ ସମିତି ପକ୍ଷରୁ କୃଷକ କର୍ମଶାଳା

**କୋକସରା,୨୫।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ଓ କାଶିବାହାଲ ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ଶନିବାର ବ୍ୟାଙ୍କିଙ୍ଗ ସେବା ଓ କୃଷି ଋଣ ସମ୍ପର୍କିତ କୃଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଆମପାଣି ପ୍ରାଥମିକ କୃଷି ସମବାୟ ସମିତି ଅଧୀନରେ ଥିବା ଆମପାଣି, ବଡ଼ ପୋଡାଗୁଡା, ବରାଡଙ୍ଗା, କାଉଡୋଳା ପଞ୍ଚାୟତ ଓ କାଶିବାହାଲ ପଞ୍ଚାୟତ ଅଧୀନରେ ଥିବା କନ୍ଧାବୁଟୁରା, ଫୁପଗାଁ, କାଶିବାହାଲ ଚାଷୀଙ୍କୁ ନେଇ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଆମପାଣି ଧାନମଣ୍ଡିଠାରେ ଅନୁଷ୍ଠିତ କର୍ମଶାଳାରେ ଆମପାଣି କୃଷି ସମବାୟ ସମିତିର ସଭାପତି ବିରଞ୍ଚି ନାରାୟଣ ପଣ୍ଡା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ହେମନ୍ତ ମାଝୀ, ଉପ ସଭାନେତ୍ରୀ ଆମପାଣି ପାକ୍ସ ତିଲୋତ୍ତମା ନାଏକ, ସରପଞ୍ଚ ରୁକ୍ମଣୀ ବାଣୁଆ, ସମିତି ସଭ୍ୟା ନର୍ତ୍ତକୀ ଦଣ୍ଡସେନା, ଆମ୍ପା ଅଧ୍ୟକ୍ଷ ରତ୍ନରାଜ ମାଝୀ,କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ପରିଚାଳକ ଇନ୍ଦ୍ରମଣି ଧଙ୍ଗଡା ମାଝୀ, ପାକ୍ସ ଡାଇରେକ୍ଟର ଟିକିଚନ୍ଦ୍ର ଧଙ୍ଗଡା ମାଝୀ, ପାକ୍ସ ଡାଇରେକ୍ଟର ହରିଶ୍ଚନ୍ଦ୍ର ନାଏକ ଯୋଗ ଦେଇଥିଲେ । ଜିତେନ୍ଦ୍ର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। କାଶିବାହଲ ପାକ୍ସର ଫୁପଗାଁଠାରେ ଅନୁଷ୍ଠିତ କର୍ମଶାଳାରେ ପାକ୍ସ ସଭାପତି ନିହାର ରଞ୍ଜନ ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ କୋକସରା ବ୍ଲକ ଅଧ୍ୟକ୍ଷା ରିତା ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ କାଶିବାହଲ ସରପଞ୍ଚ ପୁଷ୍ପାଞ୍ଜଳି ନାଏକ, ସମିତି ସଭ୍ୟ ଗଜାନନ ନିଆଲ, ସରପଞ୍ଚ ଗଜାନନ ପୁଝାରି, କୁରୁକ୍ଷେତ୍ର ବେହେରା, ଶିବାନୀ ଗଇନ୍ତା, ପାକ୍ସ ଉପ ସଭାପତି ବନିତା ଚଣ୍ଡି ଯୋଗ ଦେଇଥିଲେ । ସମ୍ପାଦକ ନିରଞ୍ଜନ ପ୍ରସାଦ ବାଗ ପରିଚାଳନା କରିଥିଲେ। କୃଷକଙ୍କ ପାଇଁ ରହିଥିବା ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ ସହ ଏହାର ଲାଭ ନେବାକୁ ଉପସ୍ଥିତ ଅଧିକାରୀ ଓ ଜନ ପ୍ରତିନିଧିମାନେ ପରାମର୍ଶ ଦେଇଥିଲେ। ଆମପାଣି ପାକ୍ସ ସମ୍ପାଦକ ବିକାଶ ରଞ୍ଜନ ପଣ୍ଡା ଓ ଉଭୟ ପାକ୍ସ କର୍ମଚାରୀମାନେ ସହଯୋଗ କରିଥିଲେ।

# ଶ୍ରୀମଦ୍ ଭାଗବତ କଥାମୃତ କାର୍ଯ୍ୟକ୍ରମ

**ଖଡ଼ିଆଳ,୨୫।୩(ଡି.ଏନ.ଏ.)**



ପାଞ୍ଚ ଦିନ ଧରି ଖଡ଼ିଆଳ ବ୍ଲକ ଚିନ୍ଦାଗୁଡ଼ାଠାରେ ଶ୍ରୀମଦ ଭାଗବତ କଥାମୃତ ପାରାୟଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ୟାସଶ୍ରୀ ପରୀକ୍ଷିତ ମହାରାଜ ପ୍ରବଚକ ଭାବରେ ଯୋଗଦେଇ ହଜାର ହଜାର ଭକ୍ତଙ୍କୁ ନିଜ ପ୍ରବଚନ ଓ ଭଜନ ସଙ୍ଗୀତରେ ବାନ୍ଧି ରଖିଥିଲେ। ଏହି କାର୍ଯ୍ୟକ୍ରମକୁ ଖଡ଼ିଆଳ ପାଟଣା କ୍ଷତ୍ରିୟ ସମାଜ ଚିନ୍ଦାଗୁଡ଼ା ଅଞ୍ଚଳ ପକ୍ଷରୁ ଆୟୋଜନ କରାଯାଇଥିଲା। ଏଥିରେ ଆୟୋଜକ ଚିନ୍ଦାଗୁଡ଼ାର ବିଶ୍ୱାମିତ୍ର ବିଶି, ମହେଶ୍ୱର ବାରିକ, ମକରଧ୍ୱଜ ବାରିକ, କୁରେଶ୍ୱର ପ୍ରଧାନୀ, ସୁନୀଲ କୁମାର ମାଝୀ, ଲକ୍ଷ୍ମୀ ନାରାୟଣ ବିଶି, ଦୁଖୀଶ୍ୟାମ ବାରିକ, ଭୁବନେଶ୍ୱର ବିଶି, ପରମାନନ୍ଦ ପ୍ରଧାନୀ, ଦେବେନ୍ଦ୍ର ମାଝୀ, ହେମନ୍ତ କୁମାର ମାଝୀ, ଜିତେନ୍ଦ୍ର ବିଶି, ଉଗ୍ରସେନ ବାରିକ, ପଞ୍ଚାନନ ମାଝୀ ପ୍ରମୁଖ ଶାନ୍ତି ଶୃଙ୍ଖଳାର ସହିତ କାର୍ଯ୍ୟକ୍ରମକୁ ସଞ୍ଚାଳନ କରି ଶ୍ରୋତାମାନଙ୍କୁ ଭଗବାନଙ୍କ ଭକ୍ତିରସ ଶୁଣିବାର ସୁଯୋଗ ଦେଇଥିବାରୁ ଆୟୋଜକଙ୍କୁ ଶ୍ରୋତାମାନେ ପ୍ରଶଂସା କରିଥିଲେ । ଅପରପକ୍ଷରେ ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରୋତା ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ପଠନ ଅଭ୍ୟାସ ମନନଶୀଳତା ବଢ଼ାଏ

**ଜିଲାସ୍ତରୀୟ ପୁସ୍ତକ ମେଳାର ଦ୍ୱିତୀୟ ସନ୍ଧ୍ୟା**



ପୁସ୍ତକ ମେଳାର ଦ୍ୱିତୀୟ ସନ୍ଧ୍ୟା ସଭାରେ ମଞ୍ଚାସୀନ ଅତିଥି।

**ବଲାଙ୍ଗୀର ଅଫିସ, ୨୫।୩**

ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ବଲାଙ୍ଗୀର ଜିଲା ପ୍ରଶାସନ ଏବଂ ଜିଲା ଲେଖକ ପରିଷଦ ମିଳିତ ଆୟୋଜନରେ ଅନୁଷ୍ଠିତ ଜିଲାସ୍ତରୀୟ ପୁସ୍ତକ ମେଳାର ଦ୍ୱିତୀୟ ସନ୍ଧ୍ୟା କାର୍ଯ୍ୟକ୍ରମରେ ଅତିଥିମାନେ ପାଠକୀୟ ଉପାଦେୟତା, କବିତାର ଭାବମୟତା ଏବଂ ପଠନ ସ୍ପୃହା ଉପରେ ଆଲୋଚନା କରିଥିଲେ। ବଲାଙ୍ଗୀର ଉପଜିଲାପାଳ କୁମାର ନାଗଭୂଷଣଙ୍କ ସଭାପତିତ୍ୱରେ ସଭାରେ ଶିକ୍ଷାବିତ ସନାତନ ଠାକୁର, କଣ୍ଟାବାଞ୍ଜି କେଭି କଲେଜ ଅଧାପକ ଡକ୍ଟର ସଞ୍ଜୟ କୁମାର ମିଶ୍ର ବରେଣ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ପୁସ୍ତକ ପଠନ ଅଭ୍ୟାସ ମଣିଷର ମନନଶୀଳତା ବଢ଼ାଇଥାଏ ବୋଲି ଆଲୋଚକମାନେ ମତବ୍ୟକ୍ତ କରିଥିଲେ। ମଞ୍ଚାସୀନ ଅତିଥିଙ୍କୁ ଜିଲା ସଂସ୍କୃତି ଅଧିକାରୀ ରଶ୍ମିରଞ୍ଜନ ମିଶ୍ର ସମ୍ବର୍ଦ୍ଧିତ କରିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ଜୟଦେବ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। କବି ରତ୍ନମୟ ତ୍ରିପାଠୀ ସଭା ସଂଯୋଜନା କରିଥିଲେ। ଶେଷରେ ପ୍ରଫୁଲ୍ଲ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଦୀପ୍ତିମାଳା ତ୍ରିପାଠୀଙ୍କ ସଂଯୋଜନାରେ ଆଇଡିଏମ ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରୀମାନେ ଓ ବିଏସ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ବ୍ୟାଙ୍କ ଅଫ୍ ବରୋଦା Bank of Baroda | ବିଜୟା VIJAYA | ଦେନା DENA

**କ୍ଷେତ୍ରୀୟ ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା**
ପ୍ଲଟ ନଂ.:୮୩୧/୩୮୨୩, ସାମପୁର, କଳିଙ୍ଗ ନଗର, ଭୁବନେଶ୍ୱର - ୦୩, ମୋ.: ୭୩୨୮୮୩୪୧୪୨
ଫୋନ୍: ୦୬୭୪-୨୩୮୭୧୦୦, ଇ-ମେଲ୍ : sarbhu@bankofbaroda.com

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ଆପେଣ୍ଡିକ୍ସ-୪-ଏ (ରୁଲ୍ସ ୬(୨) ଏବଂ ୮(୬) ଅନୁଯାୟୀ ପ୍ରଦତ୍ତ) ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକର ନିଲାମ ନିମନ୍ତେ ବିକ୍ରୟ ନୋଟିସ**
ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ନିୟମ ୮(୬)ଅନୁଯାୟୀ ସ୍ଥାବର ଏବଂ ୬(୨) ଅନୁଯାୟୀ ଅସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି ।
ଏତଦ୍ୱାରା ସର୍ବସାଧାରଣ, ଋଣଗ୍ରହୀତା (ବନ୍ଧକଦାତା) ଏବଂ ଜାମିନ୍‌ଦାରମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ **ବ୍ୟାଙ୍କ ଅଫ୍ ବରୋଦା** ର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା) ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡିକୁ **"ଯେଉଁଠାରେ ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"** ବିନା ଆଇନଗତ ସହାୟତା ଭିତ୍ତିରେ ଇ-ନିଲାମ ମାଧ୍ୟମ ରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି । **ଋଣଗ୍ରହୀତା, ବନ୍ଧକଦାତା, ଜାମିନ୍‌ଦାର, ସୁରକ୍ଷିତ ସମ୍ପତ୍ତି, ଦେୟ, ସଂରକ୍ଷିତ ମୂଲ୍ୟ, ଅମାନତ ରାଶି, ବିଡ୍ ବର୍ଦ୍ଧିତ ରାଶି, ଇ-ନିଲାମ ତାରିଖ ଏବଂ ସମୟର ବିସ୍ତୃତ ବିବରଣୀ ନିମ୍ନରେ ପ୍ରଦତ୍ତ ।**

| କ୍ର ନଂ. | ମୂଳଶାଖା/ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କର ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ସଂକ୍ଷିପ୍ତ ବିବରଣୀ ସହିତ ଜ୍ଞାତ ଥିବା ଏନ୍‌କମ୍ବ୍ରାନ୍‌ସେସ୍ ଯଦି ଥାଏ | ଡିମାଣ୍ଡ/ଦଖଲ ନୋଟିସ୍ ତାରିଖ/ବକେୟା ଦେୟ (ସୁରକ୍ଷିତ ଋଣ) | ଇ-ନିଲାମ ତାରିଖ ଓ ସମୟ | ଦଖଲ ସମ୍ପତ୍ତିର ସ୍ଥିତି (ସାଙ୍କେତିକ/ ଭୌତିକ) | ସମ୍ପତ୍ତି ନିରୀକ୍ଷଣ ତାରିଖ ଓ ସମୟ | ସଂରକ୍ଷିତ ମୂଲ୍ୟ / EMD(ରାଶି) / ବିଡ୍ ବର୍ଦ୍ଧିତ ରାଶି |
|---|---|---|---|---|---|---|---|
| ୦୧. | ଯାଜପୁର ରୋଡ୍ ଶାଖା / ଋଣଗ୍ରହୀତା: ମେସର୍ସ ଅଭିଷେକ ଟ୍ରେଡର୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ କଲ୍ୟାଣବ୍ରତ ମହାନ୍ତି, ସା/ପୋ: ଧନେଶ୍ୱର, ଯାଜପୁର ରୋଡ଼, ଜିଲ୍ଲା: ଯାଜପୁର-୭୫୫୦୦୧ / ଜାମିନ୍‌ଦାରମାନେ: (୧) ଶ୍ରୀମତୀ ମିହିର କୁମାରୀ ମହାନ୍ତି, (୨) ଶ୍ରୀ ଦେବବ୍ରତ ମହାନ୍ତି, (୩) ଶ୍ରୀ ସୁବ୍ରତ କୁମାର ମହାନ୍ତି, ସମସ୍ତଙ୍କ ପିତା: ରାଇଚରଣ ମହାନ୍ତି, ସମସ୍ତଙ୍କ ଠିକଣା ସା/ପୋ: ଧନେଶ୍ୱର, ଯାଜପୁର ରୋଡ଼, ଜିଲ୍ଲା: ଯାଜପୁର-୭୫୫୦୦୧ | (କ) ଶ୍ରୀ କଲ୍ୟାଣବ୍ରତ ମହାନ୍ତି, (ଖ) ଶ୍ରୀମତୀ ମିହିର କୁମାରୀ ମହାନ୍ତି, (ଗ) ଶ୍ରୀ ଦେବବ୍ରତ ମହାନ୍ତି ଏବଂ (ଘ) ଶ୍ରୀ ସୁବ୍ରତ କୁମାର ମହାନ୍ତିଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ଖାତା ନଂ.: ୪୨୨ ଏବଂ ହାଲ ଖାତା ନଂ.: ୫୪୦/୬୪, ପ୍ଲଟ୍ ନଂ.: ୧୦୧୦, କ୍ଷେତ୍ର: ଏକର ୦.୦୮ ଡିସିମିଲି, ମୌଜା: ଧନେଶ୍ୱର, ଯାଜପୁର ରୋଡ଼, ଜିଲ୍ଲା: ଯାଜପୁର, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ଜାନକୀ ବଲ୍ଲଭ ମହାନ୍ତି, ପୂର୍ବ: ସୁବ୍ରତ ମହାନ୍ତି, ପଶ୍ଚିମ: ରାସ୍ତା (ପ୍ଲଟ୍ ନଂ.: ୧୦୧୧) | ୦୧.୦୧.୨୦୧୬ ୧୦.୦୫.୨୦୧୬ / ତା.୩୧.୧୦.୨୦୧୫ ସୁଦ୍ଧା ଟ.୧୩,୩୨,୬୬୩/- ଯୁକ୍ତ ୦୧.୧୧.୨୦୧୫ ଠାରୁ ସୁଧ + ସେବାବଦ ଖର୍ଚ୍ଚ ଏବଂ ଦେୟ ବିଯୁକ୍ତ ଋଣ ଅସୁଲି ଯଦି କିଛି ଥାଏ | ୧୨.୦୪.୨୦୨୩ ଅପରାହ୍ନ ୨.୦୦ ଘଟିକାରୁ ସନ୍ଧ୍ୟା ୬.୦୦ ଘଟିକା | ଭୌତିକ | ୧୧.୦୪.୨୦୨୩ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ଟ.୨୧,୪୭,୪୦୦/- / ଟ.୨,୧୫,୦୦୦/- / ଟ.୧୦,୦୦୦/- |

ନିୟମ ଏବଂ ସର୍ତ୍ତାବଳୀ : ଆଗ୍ରହୀ ନିଲାମଧାରୀମାନେ www.mstcecommerce.com ରେ ଲଗଇନ୍ କରି EMD (ଅମାନତ ରାଶି) ତା.୧୧.୦୪.୨୦୨୩ ରିଖ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ଅନ୍‌ଲାଇନ୍ ମାଧ୍ୟମରେ ଦାଖଲ କରିପାରିବେ ।
ନିଲାମର ସବିଶେଷ ନିୟମ ଓ ସର୍ତ୍ତାବଳୀ ନିମନ୍ତେ ଲିଙ୍କ୍ https://www.bankofbaroda.com/e-auction.htm, www.mstcecommerce.com, and https://ibapi.in ରେ ଦେଖନ୍ତୁ ।
କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଯୋଗାଯୋଗ ନଂ.: (୦୬୭୪) ୨୩୮୭୧୦୦, ମୋ: ୭୩୨୮୮୩୪୧୪୨ରେ ଯୋଗାଯୋଗ କରିପାରିବେ ।
ଅଧିକ ବିବରଣୀ ନିମନ୍ତେ ଏହି କୋଡ୍‌କୁ ସ୍କାନ୍ କରନ୍ତୁ ।
ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଦ୍ୱାରା ରୁଲ ୮(୫),୮(୬) ଏବଂ ୯(୧) ଅନୁଯାୟୀ ବିକ୍ରୟ ପାଇଁ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ନିମନ୍ତେ ୧୫ ଦିନିଆ ନୋଟିସ୍ ।
ସ୍ଥାନ : ଭୁବନେଶ୍ୱର
ତାରିଖ : ୨୫.୦୩.୨୦୨୩
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ବ୍ୟାଙ୍କ ଅଫ୍ ବରୋଦା

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୬ ମାର୍ଚ୍ଚ, ୨୦୨୩

## ଟିଟିଲାଗଡ଼ ରେଳ ବିଭାଗର ହୋଲ୍‌ଡିଂ ଟିକସ ବକେୟା

ଟିଟିଲାଗଡ଼,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଟିଟିଲାଗଡ଼ ପୌର ପରିଷଦକୁ ରେଳ ବିଭାଗ ଗତ ୨୦୦୯ ମସିହାରୁ ହୋଲଡିଂ ଟିକସ ବାବଦକୁ ୯,୦୧,୫୪୫ ଟଙ୍କା ଦେଇନାହିଁ। ଏଥିପାଇଁ ପୌର ପରିଷଦ ପକ୍ଷରୁ ସ୍ଥାନୀୟ ଅଧିକାରୀ ଓ ଏହାର ନକଲ ଡ଼ିଆରଏମ ସମ୍ବଲପୁରଙ୍କୁ ଡିମାଣ୍ଡ ନୋଟିସ ପ୍ରଦାନ କରାଯାଇଛି। ଏ ନେଇ ପୌର ପରିଷଦ ନିର୍ବାହୀ ଅଧିକାରୀ ବିପିନବିହାରୀ ଦୀପ ସୂଚନା ଦେଇଛନ୍ତି। ବକେୟା ଓ ଚଳିତ ବର୍ଷର ହୋଲଡିଂ ଟିକସ୍ ବାବଦ ରାଶି ତୁରନ୍ତ ପ୍ରଦାନ କରିବାକୁ ନୋଟିସ୍‌ରେ ଉଲ୍ଲେଖ ହୋଇଛି।



## ସଂକ୍ଷେପରେ

### ଖଡ଼ିଆଳ ଓକିଲ ସଂଘ ନିର୍ବାଚନ: ସଭାପତି ହେଲେ ଗୋବର୍ଦ୍ଧନ ସୁନା

**ଖଡ଼ିଆଳ,୨୫।୩(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡ଼ିଆଳ ଓକିଲ ସଂଘ ନିର୍ବାଚନ ଶାନ୍ତିପୂର୍ଣ୍ଣ ଭାବରେ ଶେଷ ହୋଇଯାଇଛି। ନୂତନ ସଭାପତି ଭାବେ ଗୋବର୍ଦ୍ଧନ ସୁନା ବିଜୟୀ ହୋଇଛନ୍ତି।


ଗୋବର୍ଦ୍ଧନ ସୁନା।

ଶନିବାର ଖଡ଼ିଆଳ ବାର ହଲଠାରେ ସଭାପତି ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଗୋବର୍ଦ୍ଧନ ସଭାପତି ଭାବେ ୨୦ଖଣ୍ଡ ଭୋଟ ପାଇଥିବାବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ଦିନେଶ ତିୱାରୀ ୧୬ ଖଣ୍ଡ ଭୋଟ ପାଇଥିଲେ। ଓକିଲ ସଂଘର ୪୦ ଜଣ ଭୋଟର ରହିଥିବା ବେଳେ ୩୭ ଜଣ ନିଜ ମତ ସାବ୍ୟସ୍ତ କରିଥିଲେ। ସେଥିରୁ ଗୋଟିଏ ଭୋଟ ନାକଚ ହୋଇଥିବା ନିର୍ବାଚନ ଅଧିକାରୀ ଅସୀତ ଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି। ସଂଘର ଉପସଭାପତି ଭାବେ ନନ୍ଦଲାଲ ପାଣ୍ଡେ, ସମ୍ପାଦକ ଭାବେ କିଶୋର ବାଗ, ଯୁଗ୍ମ ସମ୍ପାଦକ ଭାବେ ଦଶରଥ ଭୋଇ, କୋଷାଧକ୍ଷ ପାଣ୍ଡବ କୁମାର ନିର୍ଦ୍ୱନ୍ଦରେ ବିଜୟୀ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ ସଦସ୍ୟ ଭାବେ ମହେନ୍ଦ୍ର କୁମାର ଦାଶ, ସତ୍ୟପ୍ରିୟ ମୁଣ୍ଡ ଏବଂ ଅଚ୍ୟୁତ ନନ୍ଦ ନାଗ ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି।

### ବଲାଙ୍ଗୀର ଜିଲା ଓକିଲ ସଂଘର ନୂତନ କାର୍ଯ୍ୟକର୍ତ୍ତା

#### ଅମରେଶ ସଭାପତି, ଅମନ ସମ୍ପାଦକ

**ବଲାଙ୍ଗୀର ଅଫିସ, ୨୫।୩:** ବଲାଙ୍ଗୀର ଜିଲା ଓକିଲ ସଂଘ କର୍ମକର୍ତ୍ତା ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଛି। ଆଡଭୋକେଟ ଅମରେଶ ତ୍ରିପାଠୀ ସଭାପତି, ଦେବାଶିଷ ବିଶ୍ୱାଳ ଉପସଭାପତି, ଅମନ ନାଗ ସମ୍ପାଦକ, ସମୀର କୁମାର ମିଶ୍ର କୋଷାଧକ୍ଷ, ସୂର୍ଯ୍ୟକାନ୍ତ ବାଗ ଯୁଗ୍ମ ସମ୍ପାଦକ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟନିର୍ବାହୀ ସଦସ୍ୟଭାବେ ଆଡଭୋକେଟ ଦିଲୀପ କୁମାର ବିଶି, ବିଜୟାନନ୍ଦ ମିଶ୍ର, ଶ୍ରୀନିବାସ ରାଓ, ସନ୍ତୋଷ କୁମାର ପାଣିଗ୍ରାହୀ, ଆର୍ତ୍ତତ୍ରାଣ ପୁରୋହିତ, ସତ୍ରଜିତ ସାହୁ, ରାଣୀସ୍ୱିଟାବାଗ୍ମି ପଦ୍ମା, ଶିବଦତ୍ତ ଦ୍ୱିବେଦୀ, ପ୍ରମୋଦ କୁମାର ବହିଦାର ମନୋନୀତ ହୋଇଛନ୍ତି।

### ସ୍କୁଲ ଫି ଛାଡ଼ ପାଇଁ ସିଏମ୍‌ଡିଙ୍କୁ ଦାବିପତ୍ର

**ବ୍ରଜରାଜନଗର,୨୫।୩ (ଡି.ଏନ.ଏ.):** ବ୍ରଜରାଜନଗର ସହରାଞ୍ଚଳରେ ଥିବା ଦୁଇଗୋଟି ଡିଏଭି ସ୍କୁଲର ଛାତ୍ରୀଛାତ୍ରଙ୍କ ଫି ଛାଡ କରିବା ପାଇଁ ଏମ୍‌ସିଏଲ୍ ସିଏମ୍‌ଡି ଓମ୍ ପ୍ରକାଶ ସିଂଙ୍କୁ ଅଭିଭାବକମାନେ ଦାବିପତ୍ର ଦେଇଛନ୍ତି। ବିଶେଷ କରି ଅଣ କର୍ମଚାରୀଙ୍କ ପିଲାମାନେ କିପରି ମାଗଣାରେ ପାଠ ପଢିବେ ସେଥିପ୍ରତି ଏମ୍‌ସିଏଲ୍ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ଅଭିଭାବକମାନେ ନିବେଦନ କରିଥିଲେ। ସୂଚନାଯୋଗ୍ୟ ବ୍ରଜରାଜନଗର ଅଞ୍ଚଳରେ ଦୁଇଗୋଟି ଡ଼ିଏଭି ସ୍କୁଲ ପରିଚାଳନା ଦାୟିତ୍ୱ ଏମ୍‌ସିଏଲ୍ ତୁଲାଇ ଆସୁଛି।

# କୋଟସମଲାଇ ପାଇଁ ଲାଇସେନ୍ସ, ବୀରମହାରାଜପୁରରେ ବେପାର

## ଲାତୁରପେଟ୍‌ରୁ ୨୨୮ ଇନ୍ଧନ ଗ୍ୟାସ୍ ସିଲିଣ୍ଡର ଜବତ ଘଟଣା

**ସୋନପୁର,୨୫।୩(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପକଣ୍ଠ ଲାତୁରପେଟସ୍ଥିତ ରୁଦ୍ର ନାରାୟଣ ମହାକୁରଙ୍କ ବାସଭବନରୁ ଯୋଗାଣ ବିଭାଗ ଶୁକ୍ରବାର ବିପୁଳ ପରିମାଣର ଇନ୍ଧନ ଗ୍ୟାସ ଜବତ କରିଛି। ରୁଦ୍ର ନାରାୟଣ ବେଆଇନ ଭାବେ ହିନ୍ଦୁସ୍ଥାନ ପେଟ୍ରୋଲିୟମ(ଏଚ୍‌ପି) କମ୍ପାନୀର ସବ୍‌ସିଡିଯୁକ୍ତ ଇନ୍ଧନ ଗ୍ୟାସ ସିଲିଣ୍ଡର ନିଜ ଘରେ ମହଜୁଦ୍ ରଖି ବେପାର କରୁଥିବା ସ୍ପଷ୍ଟ ହୋଇଛି। ତଦନ୍ତରୁ ଜଣାପଡିଛି ରୁଦ୍ର ନାରାୟଣଙ୍କ ସ୍ତ୍ରୀ ଝରଣାଙ୍କ ନାମରେ ଇଣ୍ଡେନ ଗ୍ୟାସ କମ୍ପାନୀର ଗ୍ରାମୀଣ ବିତରକ ଲାଇସେନ୍ସ ରହିଛି। ନିଗମ ଡିଷ୍ଟ୍ରିବ୍ୟୁଟର ନାମରେ ଉଲୁଣ୍ଡା ବ୍ଲକ କୋଟସମଲାଇ ଅଞ୍ଚଳରେ ଖାଉଟିଙ୍କୁ ଇନ୍ଧନ ଗ୍ୟାସ ବିକ୍ରି ପାଇଁ ଝରଣାଙ୍କୁ ଲାଇସେନ୍ସ ମିଳିଛି। ତେବେ ଝରଣାଙ୍କ ସ୍ୱାମୀ କୋଟସମଲାଇଠାରୁ ପ୍ରାୟ ୩୦କିଲୋମିଟର ଦୂର ବୀରମହାରାଜପୁରସ୍ଥିତ ବାସଭବନରେ ଗ୍ୟାସ ସିଲିଣ୍ଡର ରଖି ଦୀର୍ଘ ବର୍ଷ ଧରି ବେପାର ଚଳାଇଥିଲେ। କିନ୍ତୁ ବୀରମହାରାଜପୁରରେ ଗ୍ୟାସ ସିଲିଣ୍ଡର ରଖିବା ଓ ବ୍ୟବସାୟ କରିବା ପାଇଁ ଅନୁମତି ନ ଥିଲା। ଫାୟାର ସେଫ୍‌ଟି ପାଇଁ କୌଣସି ବ୍ୟବସ୍ଥା ନଥିଲା । ସ୍ଥାନୀୟ ଅଗ୍ନିଶମ ବିଭାଗ ଓ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ଚୁପ୍ ବସିଥିଲେ।


ଜବତ ଗ୍ୟାସ ସିଲିଣ୍ଡର।

ନିୟମ ଅନୁଯାୟୀ ବୀରମହାରାଜପୁର ଅଞ୍ଚଳରେ ଇଣ୍ଡେନ ଗ୍ୟାସ ସିଲିଣ୍ଡର ବିକ୍ରି ପାଇଁ କମ୍ପାନୀ ପକ୍ଷରୁ ଲାଇସେନ୍ସ ପ୍ରାପ୍ତ ବିତରକ ଅଛନ୍ତି। ନିଜ ବ୍ୟବସାୟ ଅଞ୍ଚଳ ହୋଇ ନଥିଲେ ମଧ୍ୟ ଏଚ୍‌ପି ଗ୍ୟାସ ବିତରକ ଏଠାରେ ଖୁଲମଖୁଲା ବେପାର କରୁଥିଲେ। ଜନସାଧାରଣଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ନ ଦେଇ ଜନବସତି ଅଞ୍ଚଳରେ ଗ୍ୟାସ ସିଲିଣ୍ଡର ମହଜୁଦ୍ ରଖୁଥିଲେ। ତେବେ ବ୍ୟବସାୟ ହ୍ରାସ କାରଣକୁ ନେଇ ନିକଟରେ ଇଣ୍ଡେନ୍ କମ୍ପାନୀ କର୍ତ୍ତୃପକ୍ଷ ଲାତୁରପେଟ୍‌ରେ ବେଆଇନ କାରବାର ଚାଲିଥିବା ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଭିଯୋଗ ମିଳିବା ପରେ ଯୋଗାଣ ବିଭାଗର ନିଦ ଭାଙ୍ଗିଥିଲା। ବିଭାଗର ଅଧିକାରୀମାନେ ରୁଦ୍ର ନାରାୟଣଙ୍କ ଲାତୁରପେଟ୍ ସ୍ଥିତ ବାସଭବନରେ ଚଢାଉ କରି ୬୫ଟି ଖାଲି ସିଲିଣ୍ଡର ଓ ୧୬୩ଟି ଗ୍ୟାସ ଭର୍ତ୍ତି ସିଲିଣ୍ଡର ମୋଟ ୨୨୮ଟି ସିଲିଣ୍ଡର ଜବତ କରିଥିଲେ। ଏହି ସମସ୍ତ ସିଲିଣ୍ଡର ଗୁଡିକୁ କେନ୍ଦୁଝିରିଆପାଲି ସ୍ଥିତ ଏଚ୍‌ପି କମ୍ପାନୀର ଗ୍ରାମୀଣ ବିତରକଙ୍କୁ ଜିମା ଦିଆଯାଇଛି । ବେଆଇନ କାର୍ଯ୍ୟ ସମ୍ପର୍କରେ ଯୋଗାଣ ବିଭାଗ ପକ୍ଷରୁ ତଦନ୍ତ ଜାରି ରହିଛି। ଏଚ୍‌ପି କମ୍ପାନୀକୁ ବେଆଇନ କାର୍ଯ୍ୟ ସମ୍ପର୍କରେ ଅବଗତ କରାଯିବା ଓ ଆଇନ ଅନୁଯାୟୀ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ବୀରମହରାଜପୁର ସହକାରୀ ଯୋଗାଣ ଅଧିକାରୀ ଲଳିତ ମୋହନ ପଟ୍ଟନାୟକ କହିଛନ୍ତି।

# ବିଧାନ ଚନ୍ଦ୍ର ସଭାପତି, ପ୍ରଫୁଲ୍ଲ ସମ୍ପାଦକ ନିର୍ବାଚିତ


ବିଧାନ ଚନ୍ଦ୍ର ପାଣିଗ୍ରାହୀ


ଦେବେନ୍ଦ୍ର ପର୍ଡିଆ


ପ୍ରଫୁଲ୍ଲ କୁମାର ସାହୁ

## ସୁବର୍ଣ୍ଣପୁର ଜିଲା ଓକିଲ ସଂଘ ନିର୍ବାଚନ

**ସୋନପୁର,୨୫।୩(ନି.ପ୍ର.)**

୨୦୨୩-୨୪ ବର୍ଷ ପାଇଁ ସୁବର୍ଣ୍ଣପୁର ଜିଲା ଓକିଲ ସଂଘ ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି, ଉପସଭାପତି ଓ ସମ୍ପାଦକ ପଦବି ପାଇଁ ଏକାଧିକ ପ୍ରାର୍ଥୀ ଥିବାରୁ ଓକିଲ ସଂଘ ସଭା ଗୃହରେ ମତଦାନ ପାଇଁ ବ୍ୟବସ୍ଥା ହୋଇଥିଲା। ଓକିଲ ସଂଘର ମୋଟ ୧୭୨ ଜଣ ସଭ୍ୟା ସଭ୍ୟ ମତଦାନ କରିଥିଲେ। ଭୋଟ ଗଣତି ପରେ ବିଧିବଦ୍ଧ ଭାବେ ଫଳାଫଳ ଘୋଷଣା କରାଯାଇଛି। ସଭାପତି ପଦ ପାଇଁ ବରିଷ୍ଠ ଓକିଲ ବିଧାନ ଚନ୍ଦ୍ର ପାଣିଗ୍ରାହୀ, ଗୌରିଶ୍ୟାମ ପଣ୍ଡା ଓ ରବିନ୍ଦ୍ର କୁମାରଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ବିଧାନଙ୍କୁ ୭୩ ଭୋଟ, ରବିନ୍ଦ୍ରଙ୍କୁ ୫୭ ଓ ଗୌରିଶ୍ୟାମଙ୍କୁ ୪୧ ଖଣ୍ଡ ଭୋଟ ମିଳିଥିଲା। ଗୋଟିଏ ଭୋଟ ନାକଚ ହୋଇଥିଲା। ବିଧାନ ୧୬ ଖଣ୍ଡ ଭୋଟ ବ୍ୟବଧାନରେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ରବିନ୍ଦ୍ରଙ୍କୁ ପରାସ୍ତ କରିଛନ୍ତି। ଏହି ବିଜୟକୁ ମିଶାଇ ବିଧାନ ଚନ୍ଦ୍ର ପାଣିଗ୍ରାହୀ ନବମ ଥର ପାଇଁ ଜିଲା ଓକିଲ ସଂଘର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି।

ଉପସଭାପତି ପାଇଁ ଦେବେନ୍ଦ୍ର ପର୍ଡିଆ ଓ ମନୋଜ କୁମାର ବିଶି ପ୍ରାର୍ଥୀ ଥିଲେ। ଦେବେନ୍ଦ୍ରଙ୍କୁ ସର୍ବାଧିକ ୧୧୬ ଖଣ୍ଡ ଭୋଟ ଓ ମନୋଜଙ୍କୁ ୫୫ ଖଣ୍ଡ ଭୋଟ ମିଳିଥିଲା। ଗୋଟିଏ ଭୋଟ ନାକଚ ହୋଇଥିଲା। ଦେବେନ୍ଦ୍ର ୬୧ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ସେହିପରି ସମ୍ପାଦକ ପଦବୀ ପାଇଁ ପ୍ରଫୁଲ୍ଲ କୁମାର ସାହୁ ଓ ଦାସଦୀପ୍ତ ମହାପାତ୍ର ପ୍ରାର୍ଥୀ ହୋଇଥିଲେ। ପ୍ରଫୁଲ୍ଲଙ୍କୁ ୮୭ ଖଣ୍ଡ ଭୋଟ ମିଳିଥିଲା ବେଳେ ଦାସଦୀପ୍ତଙ୍କୁ ୮୩ ଖଣ୍ଡ ଭୋଟ ମିଳିଥିଲା। ୨ଟି ଭୋଟ ନାକଚ ହୋଇଥିଲା। ୪ ଖଣ୍ଡ ଭୋଟ ବ୍ୟବଧାନରେ ପ୍ରଫୁଲ୍ଲ ବିଜୟୀ ହୋଇଛନ୍ତି। ଏହି ବିଜୟ ସହ ପ୍ରଫୁଲ୍ଲ ଦ୍ୱିତୀୟ ଥର ପାଇଁ ସମ୍ପାଦକ ହୋଇଥିବା ଜଣାପଡିଛି। ନିର୍ବାଚନ ଅଧିକାରୀ ଭାବେ ବରିଷ୍ଠ ଆଇନଜୀବୀ ହେମନ୍ତ ସା ଏହି ନିର୍ବାଚନକୁ ପରିଚାଳନା କରିଥିଲେ। ବରୁଣ କୁମାର ମହାନ୍ତି ଓ ବୃନ୍ଦାବନ ମିଶ୍ର ସହାୟତା କରିଥିଲେ। ପୂର୍ବରୁ ସଂଘର ଯୁଗ୍ମ ସମ୍ପାଦକ ଲାଇବ୍ରେରୀ ଭାବେ ଦଶରଥ ମିଶ୍ର, ଯୁଗ୍ମ ସମ୍ପାଦକ ଆକାଉଣ୍ଟସ୍ ଓ ଲାଇବ୍ରେରୀ ଶ୍ରୀକାନ୍ତ ଦାଶ ଏବଂ କାର୍ଯ୍ୟକାରୀ ସଦସ୍ୟ ଭାବେ ଶମ୍ଭୁ ପ୍ରସାଦ ବିଶି, ରଶ୍ମି ରଞ୍ଜନ ଦାସ ଓ ସଞ୍ଜିବ୍ କୁମାର ଝାଙ୍କର ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ।

# ମାହେଶ୍ୱରୀ ନର୍ସିଂ କଲେଜର ସ୍ୱାଗତ, ବିଦାୟ ସମ୍ବର୍ଦ୍ଧନା ସମାରୋହ

**ବରଗଡ଼ ଅଫିସ,୨୫।୩**

ବରଗଡ଼ ଭଟଲି ଛକ ସ୍ଥିତ ମାହେଶ୍ୱରୀ ନର୍ସିଂ କଲେଜର ସ୍ୱାଗତ ଓ ବିଦାୟ ସମ୍ବର୍ଦ୍ଧନା ସମାରୋହ ଶନିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲ୍‌ରେ ଉକ୍ତ ସମାରୋହ ହୋଇଥିଲା। ସମାରୋହରେ ମାହେଶ୍ୱରୀ ନର୍ସିଂ କଲେଜର ଚେୟାରମ୍ୟାନ ଫକୀର କର୍ଣ୍ଣ, ସମ୍ପାଦିକା ସନ୍ତୋଷିନୀ କର୍ଣ୍ଣ, କଲେଜ ଅଧ୍ୟକ୍ଷା ସୁନୀତାରାଣୀ ବାଗ, ଡା. ଅରୂପାନନ୍ଦ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ କଲେଜର ନବାଗତଙ୍କୁ ସ୍ୱାଗତ କରାଯାଇଥିଲା। ସେହିପରି କଲେଜରେ ତାଲିମ ପାଇସାରିଥିବା ଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସମାରୋହରେ କଲେଜର ଚେୟାରମ୍ୟାନ କର୍ଣ୍ଣ ସ୍ୱାସ୍ଥ୍ୟସେବାରେ ଉକ୍ତ କଲେଜର ନର୍ସିଂ ଛାତ୍ରୀଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଜନସାଧାରଣଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ସେ ନର୍ସିଂ ଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ସେହିପରି କଲେଜର ସମ୍ପାଦିକା କର୍ଣ୍ଣ ମାହେଶ୍ୱରୀ ନର୍ସିଂ କଲେଜର ପ୍ରଗତି ବିବରଣୀ ଉପସ୍ଥାପନ କରିଥିଲେ। ଜିଲାରେ ନର୍ସିଂ ଛାତ୍ରୀ ସୃଷ୍ଟି କରିବାରେ ମାହେଶ୍ୱରୀ ନର୍ସିଂ କଲେଜ ଜିଲାରେ ଏକ ଦୃଷ୍ଟାନ୍ତ ସାଜିଛି ବୋଲି ଅତିଥି ଡା. ସାହୁ କହିଥିଲେ। କଲେଜ ଅଧ୍ୟକ୍ଷା ବାଗ ମାହେଶ୍ୱରୀ ନର୍ସିଂ କଲେଜର ସଫଳତା ଉପରେ ଆଲୋକପାତ କରିଥିଲେ। ଏଠାରେ ଗଢ଼ି ଉଠିଥିବା ଉକ୍ତ କଲେଜ ଯେଭଳି ଆଶାତୀତ ସଫଳତା ପାଇଛି, ଏଠାରେ ତାଲିମ ନେଇ ସ୍ୱାସ୍ଥ୍ୟସେବା ଯୋଗାଉଥିବା ନର୍ସିଂ ଛାତ୍ରୀମାନେ ଯେଭଳି ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଉଛନ୍ତି, ତାହା କଲେଜ ପାଇଁ ସବୁଦିନ ସ୍ମରଣୀୟ ହୋଇରହିବ ବୋଲି ସେ କହିଥିଲେ। ସେହିପରି କଲେଜର ଛାତ୍ରୀମାନେ ମଧ୍ୟ କଲେଜରେ ନିଜ ଅନୁଭୂତି, ଅଭିଜ୍ଞତା ଉପରେ ଆଲୋକପାତ କରିଥିଲେ। ଶେଷରେ କଲେଜ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



ମାହେଶ୍ୱରୀ ନର୍ସିଂ କଲେଜ ସମାରୋହରେ ମଞ୍ଚାସୀନ କଲେଜ କର୍ତ୍ତୃପକ୍ଷ।

## ଜମଲା ଡିଗ୍ରୀ କଲେଜରେ ସଡକ ସୁରକ୍ଷା କାର୍ଯ୍ୟକ୍ରମ

**ପଦ୍ମପୁର,୨୫।୩(ଡି.ଏନ.ଏ.)**

ବରଗଡ଼ ଜିଲା ପଦ୍ମପୁର ଜମଲା ଡିଗ୍ରୀ କଲେଜରେ ଜାତୀୟ ସେବା ଯୋଜନା ତରଫରୁ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଲେଜ ଅଧକ୍ଷ ଡ. ସ୍ୱାଧୀନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଡ. ମିନତୀ ଦେବତା ସ୍ୱାଗତ ଭାଷଣ ଓ ଅଧ୍ୟାପକ ଆଶିଷ କୁମାର ଭୋଇ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ମୁଖ୍ୟ ରାସ୍ତାକୁ ଯାଇ ଗାଡ଼ି ଚାଳକମାନଙ୍କୁ ସଡ଼କ ସୁରକ୍ଷା ଉପରେ ସଚେତନ କରିଥିଲେ। ଅଧ୍ୟାପକ ସଦାନନ୍ଦ ସେଠ ଧନ୍ୟବାଦ ଅର୍ପଣ କରିଥିଲେ।

## ଆମ ପୋଲିସ ସମିତି କାର୍ଯ୍ୟକ୍ରମ

**ଝାରବନ୍ଧ,୨୫।୩(ଡି.ଏନ.ଏ.)**

ଝାରବନ୍ଧ ଥାନା ଛତିଶଗଡ଼ ସୀମାନ୍ତ ବଡ଼ଅନକିଠାରେ ଝାରବନ୍ଧ ପୋଲିସ ତରଫରୁ ଆମ ପୋଲିସ ସମିତି କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଝାରବନ୍ଧ ଥାନାଧିକାରୀ ଦିଲୀପ କୁମାର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛୋଟଅନକି ସରପଞ୍ଚ ଚିନ୍ତାମଣି ରାଉତ, ଜିଲା ପରିଷଦ ସଭ୍ୟ ସନ୍ତୋଷ କୁମାର ବେହେରା, ହୃଷୀକେଶ ବରିହା, ଜୟକୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ସୀମାନ୍ତ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏହାସହ ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ହେଲେ ଅପରାଧ ନିୟନ୍ତ୍ରଣ ହୋଇପାରିବ ବୋଲି ସେମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀ ଓ ପୋଲିସ ସମିତିର ସଦସ୍ୟ ଉପସ୍ଥିତ ଥିଲେ। ଏସ୍‌ଆଇ ଜଗା ବରିହା, ଏଏସ୍‌ଆଇ ଶଶିକାନ୍ତ ବାରିକ ସହଯୋଗ କରିଥିଲେ।

# ରାଧାକାନ୍ତ ସଭାପତି, ଉମାଶଙ୍କର ସମ୍ପାଦକ

## ବୀରମହାରାଜପୁର ଓକିଲ ସଂଘ ନିର୍ବାଚନ

**ଅମରପାଲି,୨୫।୩(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଓକିଲ ସଂଘର ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ରାଧାକାନ୍ତ ମହାକୁର ସଭାପତି, ରାଧାକାନ୍ତ ବାଘ ଉପସଭାପତି ଓ ଉମାଶଙ୍କର ପଣ୍ଡା ସମ୍ପାଦକଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଅନ୍ୟ ସମସ୍ତ ପଦବୀ ପାଇଁ କେହି ପ୍ରାର୍ଥିପତ୍ର ଦାଖଲ କରିନାହାନ୍ତି। ଦିଲ୍ଲିପ କୁମାର ପଧାନ ନିର୍ବାଚନ ଅଧିକାରୀ ଭାବେ ନିର୍ବାଚନ ପରିଚାଳନା କରିଥିଲେ। ଅନ୍ୟ ସମସ୍ତ ପଦବୀଗୁଡିକ ପାଇଁ ପରବର୍ତ୍ତୀ ସମୟରେ ନିର୍ବାଚନ କରାଯିବ ବୋଲି ସୂଚନା ମିଳିଛି। ରାଧାକାନ୍ତ ମହାକୁର ପୂର୍ବରୁ ପାଞ୍ଚଥର ଓକିଲ ସଂଘ ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ସେହିପରି ରାଧାକାନ୍ତ ବାଘ ପୂର୍ବରୁ ଚାରି ଥର ସମ୍ପାଦକ ଓ ଥରେ ଉପସଭାପତି ଭାବେ ନିର୍ବାଚିତ ହୋଇଥିଲେ। ସେହିପରି ଉମାଶଙ୍କର ପଣ୍ଡା ପୂର୍ବରୁ ଥରେ ସମ୍ପାଦକ ନିର୍ବାଚିତ ହୋଇଥିଲେ।


ରାଧାକାନ୍ତ ମହାକୁର(ସଭାପତି)


ରାଧାକାନ୍ତ ବାଘ(ଉପସଭାପତି)


ଉମାଶଙ୍କର ପଣ୍ଡା(ସମ୍ପାଦକ)

# ସେବା ସମବାୟ ସମିତିରେ ବ୍ୟାଙ୍କିଙ୍ଗ୍ ସେବା, ଋଣ କର୍ମଶାଳା


ବ୍ୟାଙ୍କିଙ୍ଗ ସେବା, ଋଣ କର୍ମଶାଳାରେ ଅତିଥିମାନେ।

**ଅମରପାଲି,୨୫।୩(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟା ସେବା ସମବାୟ ସମିତିରେ ସମବାୟ ବ୍ୟାଙ୍କିଙ୍ଗ ସେବା ଓ ଋଣ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ସେବା ସମବାୟ ସମିତି ସଭାପତି ଅଶୋକ କୁମାର ପୁରୋହିତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବୀରମହାରାଜପୁରର ବ୍ଲକ ଉପାଧକ୍ଷ ନାରାୟଣ ଲୁହା ମୁଖ୍ୟ ଅତିଥି, ବଲାଙ୍ଗୀର ବିଡିସିସି ଡାଇରେକ୍ଟର ଯୁଗିନ୍ଦ୍ର ମିର୍ଦ୍ଧା, ବନମାଳୀ ମେହେର, ସ୍ଥାନୀୟ ସରପଞ୍ଚ ପ୍ରମୋଦ କୁମାର ମହାପାତ୍ର, ଜଟେସିଙ୍ଗା ସମବାୟ ସମିତି ସଭାପତି ଜତିନ କୁମାର ପାଣିଗ୍ରାହୀ , କମିରା ସରପଞ୍ଚ ଅନୁସୟା ପ୍ରଧାନ, ସ୍ଥାନୀୟ ସମିତି ସଭ୍ୟା ଲିଲି ମେହେର, ଲୋନ ମ୍ୟାନେଜର ସରୋଜ କାନ୍ତ ପୁରୋହିତ, ବୀରମହାରାଜପୁର ସମବାୟ ବ୍ୟାଙ୍କ ଶାଖା ପରିଚାଳକ ରଞ୍ଜନ କୁମାର ମିଶ୍ର, ରଙ୍ଗାଧର ଜଗଦଲା ସମ୍ମାନୀତ ଅତିଥିଭାବେ ମଞ୍ଚାସୀନ ଥିଲେ। ଅତିଥିମାନେ ସମବାୟ ବ୍ୟାଙ୍କ ତଥା ପ୍ରାଥମିକ ସ୍ତରରେ କାର୍ଯ୍ୟକରୁଥିବା କୃଷିସମବାୟ ସମିତି ବ୍ୟାଙ୍କିଙ୍ଗ ସେବା ସମ୍ପର୍କିତ ଓଡିଶା ସରକାରଙ୍କ ନିଷ୍ପତ୍ତି ସମ୍ପର୍କରେ ଅବଗତ କରିଥିଲେ। ସୁବଳୟା ସେବା ସମବାୟ ସମିତିରୁ ଋଣ ନେଇ ଋଣୀ ଚାଷୀମାନେ ଠିକ୍ ସମୟରେ ୩୦ଲକ୍ଷ ଟଙ୍କାର ଋଣ ପରିଶୋଧ କରିଥିଲେ। ଏହି ଅବସରରେ ଋଣ ପରିଶୋଧ କରିଥିବା ଚାଷୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମିତିର ସମ୍ପାଦକ ପବିତ୍ର ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ପଠନ ଅଭ୍ୟାସ ମନନଶୀଳତା ବଢ଼ାଏ

## ଜିଲାସ୍ତରୀୟ ପୁସ୍ତକ ମେଳାର ଦ୍ୱିତୀୟ ସନ୍ଧ୍ୟା



ପୁସ୍ତକ ମେଳାର ଦ୍ୱିତୀୟ ସନ୍ଧ୍ୟା ସଭାରେ ମଞ୍ଚାସୀନ ଅତିଥି।

**ବଲାଙ୍ଗୀର ଅଫିସ, ୨୫।୩**

ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ବଲାଙ୍ଗୀର ଜିଲା ପ୍ରଶାସନ ଏବଂ ଜିଲା ଲେଖକ ପରିଷଦ ମିଳିତ ଆୟୋଜନରେ ଅନୁଷ୍ଠିତ ଜିଲାସ୍ତରୀୟ ପୁସ୍ତକ ମେଳାର ଦ୍ୱିତୀୟ ସନ୍ଧ୍ୟା କାର୍ଯ୍ୟକ୍ରମରେ ଅତିଥିମାନେ ପାଠକୀୟ ଉପାଦେୟତା, କବିତାର ଭାବମୟତା ଏବଂ ପଠନ ସ୍ପୃହା ଉପରେ ଆଲୋଚନା କରିଥିଲେ। ବଲାଙ୍ଗୀର ଉପଜିଲାପାଳ କୁମାର ନାଗଭୂଷଣଙ୍କ ସଭାପତିତ୍ୱରେ ସଭାରେ ଶିକ୍ଷାବିତ ସନାତନ ଠାକୁର, କଣ୍ଟାବାଞ୍ଜି କେଭି କଲେଜ ଅଧ୍ୟାପକ ଡକ୍ଟର ସଞ୍ଜୟ କୁମାର ମିଶ୍ର ବରେଣ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ପୁସ୍ତକ ପଠନ ଅଭ୍ୟାସ ମଣିଷର ମନନଶୀଳତା ବଢ଼ାଇଥାଏ ବୋଲି ଆଲୋଚକମାନେ ମତବ୍ୟକ୍ତ କରିଥିଲେ। ମଞ୍ଚାସୀନ ଅତିଥିଙ୍କୁ ଜିଲା ସଂସ୍କୃତି ଅଧିକାରୀ ରଶ୍ମିରଞ୍ଜନ ମିଶ୍ର ସମ୍ବର୍ଦ୍ଧିତ କରିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ଜୟଦେବ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। କବି ରତ୍ନମୟ ତ୍ରିପାଠୀ ସଭା ସଂଯୋଜନା କରିଥିଲେ। ଶେଷରେ ପ୍ରଫୁଲ୍ଲ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଦୀପ୍ତିମାଳା ତ୍ରିପାଠୀଙ୍କ ସଂଯୋଜନାରେ ଆଇଡିଏମ ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରୀମାନେ ଓ ବିଏସ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ବ୍ୟାଙ୍କ ଅଫ୍ ବରୋଦା
Bank of Baroda
ବିଜୟା VIJAYA | ଦେନା DENA

**କ୍ଷେତ୍ରୀୟ ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା**
ପ୍ଲଟ ନଂ.:୮୩୧/୩୮୨୩, ସାମପୁର, କଳିଙ୍ଗ ନଗର, ଭୁବନେଶ୍ୱର - ୦୩, ମୋ.: ୭୩୨୮୮୩୪୧୪୨
ଫୋନ୍: ୦୬୭୪-୨୩୮୭୧୦୦, ଇ-ମେଲ୍ : sarbhu@bankofbaroda.com

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ଆପେଣ୍ଡିକ୍ସ-୪-ଏ (ରୁଲ୍ସ ୬(୨) ଏବଂ ୮(୬) ଅନୁଯାୟୀ ପ୍ରଦତ୍ତ) ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକର ନିଲାମ ନିମନ୍ତେ ବିକ୍ରୟ ନୋଟିସ**
ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ନିୟମ ୮(୬)ଅନୁଯାୟୀ ସ୍ଥାବର ଏବଂ ୬(୨) ଅନୁଯାୟୀ ଅସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି ।
ଏତତ୍‌ଦ୍ୱାରା ସର୍ବସାଧାରଣ, ଋଣଗ୍ରହୀତା (ବନ୍ଧକଦାତା) ଏବଂ ଜାମିନ୍‌ଦାରମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ **ବ୍ୟାଙ୍କ ଅଫ୍ ବରୋଦା** ର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା) ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"ବିନା ଆଇନଗତ ସହାୟତା** ଭିତ୍ତିରେ ଇ-ନିଲାମ ମାଧ୍ୟମ ରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି । **ଋଣଗ୍ରହୀତା, ବନ୍ଧକଦାତା, ଜାମିନ୍‌ଦାର, ସୁରକ୍ଷିତ ସମ୍ପତ୍ତି, ଦେୟ, ସଂରକ୍ଷିତ ମୂଲ୍ୟ, ଅମାନତ ରାଶି, ବିଡ୍ ବର୍ଦ୍ଧିତ ରାଶି, ଇ-ନିଲାମ ତାରିଖ ଏବଂ ସମୟର ବିସ୍ତୃତ ବିବରଣୀ ନିମ୍ନରେ ପ୍ରଦତ୍ତ ।**

| କ୍ର ନଂ. | ମୂଳଶାଖା/ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କର ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ସଂକ୍ଷିପ୍ତ ବିବରଣୀ ସହିତ ଜ୍ଞାତ ଥିବା ଏନ୍‌କମ୍ବ୍ରାନ୍‌ସେସ୍ ଯଦି ଥାଏ | ଡିମାଣ୍ଡ/ଦଖଲ ନୋଟିସ୍ ତାରିଖ/ବକେୟା ଦେୟ (ସୁରକ୍ଷିତ ଋଣ) | ଇ-ନିଲାମ ତାରିଖ ଓ ସମୟ | ଦଖଲ ସମ୍ପତ୍ତିର ସ୍ଥିତି (ସାଙ୍କେତିକ/ ଭୌତିକ) | ସମ୍ପତ୍ତି ନିରୀକ୍ଷଣ ତାରିଖ ଓ ସମୟ | ସଂରକ୍ଷିତ ମୂଲ୍ୟ / EMD(ରାଶି) / ବିଡ୍ ବର୍ଦ୍ଧିତ ରାଶି |
|---|---|---|---|---|---|---|---|
| ୦୧. | ଯାଜପୁର ରୋଡ଼ ଶାଖା / ଋଣଗ୍ରହୀତା: ମେସର୍ସ ଅଭିଷେକ ଟ୍ରେଡର୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ କଲ୍ୟାଣବ୍ରତ ମହାନ୍ତି, ସା/ପୋ: ଧନେଶ୍ୱର, ଯାଜପୁର ରୋଡ଼, ଜିଲ୍ଲା: ଯାଜପୁର-୭୫୫୦୦୧ / ଜାମିନ୍‌ଦାରମାନେ: (୧) ଶ୍ରୀମତୀ ମିହିର କୁମାରୀ ମହାନ୍ତି, (୨) ଶ୍ରୀ ଦେବବ୍ରତ ମହାନ୍ତି, (୩) ଶ୍ରୀ ସୁବ୍ରତ କୁମାର ମହାନ୍ତି, ସମସ୍ତଙ୍କ ପିତା: ରାଇଚରଣ ମହାନ୍ତି, ସମସ୍ତଙ୍କ ଠିକଣା ସା/ପୋ: ଧନେଶ୍ୱର, ଯାଜପୁର ରୋଡ଼, ଜିଲ୍ଲା: ଯାଜପୁର-୭୫୫୦୦୧ | (କ) ଶ୍ରୀ କଲ୍ୟାଣବ୍ରତ ମହାନ୍ତି, (ଖ) ଶ୍ରୀମତୀ ମିହିର କୁମାରୀ ମହାନ୍ତି, (ଗ) ଶ୍ରୀ ଦେବବ୍ରତ ମହାନ୍ତି ଏବଂ (ଘ) ଶ୍ରୀ ସୁବ୍ରତ କୁମାର ମହାନ୍ତିଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ଖାତା ନଂ.: ୪୨୨ ଏବଂ ହାଲ ଖାତା ନଂ.: ୫୪୦/୬୪, ପ୍ଲଟ୍ ନଂ.: ୧୦୧୦, କ୍ଷେତ୍ର: ଏକର ୦.୦୮ ଡିସିମିଲି, ମୌଜା: ଧନେଶ୍ୱର, ଯାଜପୁର ରୋଡ଼, ଜିଲ୍ଲା: ଯାଜପୁର, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ଜାନକୀ ବଲ୍ଲଭ ମହାନ୍ତି, ପୂର୍ବ: ସୁବ୍ରତ ମହାନ୍ତି, ପଶ୍ଚିମ: ରାସ୍ତା (ପ୍ଲଟ୍ ନଂ.: ୧୦୧୧) | ୦୧.୦୧.୨୦୧୬ ୧୦.୦୫.୨୦୧୬ / ତା.୩୧.୧୦.୨୦୧୫ ସୁଦ୍ଧା ଟ.୧୩,୩୨,୬୬୩/- ଯୁକ୍ତ ୦୧.୧୧.୨୦୧୫ ଠାରୁ ସୁଧ + ସେବାବଦ ଖର୍ଚ୍ଚ ଏବଂ ଦେୟ ବିଯୁକ୍ତ ଋଣ ଅସୁଲି ଯଦି କିଛି ଥାଏ | ୧୨.୦୪.୨୦୨୩ ଅପରାହ୍ନ ୨.୦୦ ଘଟିକାରୁ ସନ୍ଧ୍ୟା ୬.୦୦ ଘଟିକା | ଭୌତିକ | ୧୧.୦୪.୨୦୨୩ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ଟ.୨୧,୪୭,୪୦୦/- / ଟ.୨,୧୫,୦୦୦/- / ଟ.୧୦,୦୦୦/- |

ନିୟମ ଏବଂ ସର୍ତ୍ତାବଳୀ : ଆଗ୍ରହୀ ନିଲାମଧାରୀମାନେ **www.mstcecommerce.com** ରେ ଲଗଇନ୍ କରି **EMD** (ଅମାନତ ରାଶି) ତା.୧୧.୦୪.୨୦୨୩ ରିଖ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ଅନ୍‌ଲାଇନ୍ ମାଧ୍ୟମରେ ଦାଖଲ କରିପାରିବେ ।
ନିଲାମର ସବିଶେଷ ନିୟମ ଓ ସର୍ତ୍ତାବଳୀ ନିମନ୍ତେ ଲିଙ୍କ **https://www.bankofbaroda.com/e-auction.htm, www.mstcecommerce.com, and https://ibapi.in** ରେ ଦେଖନ୍ତୁ ।
ଅଧିକ ବିବରଣୀ ନିମନ୍ତେ ଏହି କୋଡ୍‌କୁ ସ୍କାନ୍ କରନ୍ତୁ ।
କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଯୋଗାଯୋଗ ନଂ.: (୦୬୭୪) ୨୩୮୭୧୦୦, ମୋ: ୭୩୨୮୮୩୪୧୪୨ରେ ଯୋଗାଯୋଗ କରିପାରିବେ ।
ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଦ୍ୱାରା ରୁଲ ୮(୫),୮(୬) ଏବଂ ୯(୧) ଅନୁଯାୟୀ ବିକ୍ରୟ ପାଇଁ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ନିମନ୍ତେ ୧୫ ଦିନିଆ ନୋଟିସ୍ ।
ସ୍ଥାନ : ଭୁବନେଶ୍ୱର
ତାରିଖ : ୨୫.୦୩.୨୦୨୩
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ବ୍ୟାଙ୍କ ଅଫ୍ ବରୋଦା

## ସଂକ୍ଷେପରେ

### ୧୩ କେଜି ଗଞ୍ଜେଇ ଜବତ: ୨ ଗିରଫ

ବାଉଁଶୁଣୀ,୨୫।୩(ଡି.ଏନ.ଏ.): ବୌଦ୍ଧ ଜିଲା ବହିରା ପଞ୍ଚାୟତ ବ୍ରାହ୍ମଣୀ ବିଲେଇ ଛକ ନିକଟରେ ସ୍ଥାନୀୟ ପୋଲିସ ଚଢ଼ାଉ କରି ୧୩ କିଲୋ ୭୦୦ ଗ୍ରାମ ଗଞ୍ଜେଇ ସହ ଦୁଇଟି ବାଇକ୍ ଜବତ କରିଛି । ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଅଭିଯୁକ୍ତଦ୍ୱୟ ହେଲେ ବଘିଆପଡା ଗ୍ରାମ ପଞ୍ଚାୟତ ବବଡା ଗ୍ରାମର ଧୃରଜ କହଁର ଓ କରୁଣାକର ନାଏକ। ସେମାନେ ବାଇକ୍ ଯୋଗେ ସମ୍ବଲପୁରକୁ ଗଞ୍ଜେଇ ଚାଲାଣ କରୁଥିବା ନେଇ କୌଣସି ସୂତ୍ରରୁ ଖବର ପାଇ ପୋଲିସ ଶୁକ୍ରବାର ଚଢ଼ାଉ କରିଥିଲା । ଏ ନେଇ ବାଉଁଶୁଣୀ ଥାନାରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ଜଣାପଡିଛି ।

### ବ୍ରଜରାଜନଗର ଅଞ୍ଚଳରେ ହାତୀପଲ, ଲୋକେ ଭୟଭୀତ

ବ୍ରଜରାଜନଗର,୨୫।୩(ଡି.ଏନ.ଏ.): ସୁନ୍ଦରଗଡ ହେମଗିର ଜଙ୍ଗଲରୁ ଲକେଟଝରଣ ଜଙ୍ଗଲ ଦେଇ ଶୁକ୍ରବାର ୬ ଟିକିଆ ହାତୀପଲ ବ୍ରଜରାଜନଗର ବନାଞ୍ଚଳ ଅନ୍ତର୍ଗତ ମଧୁପୁର ଜଙ୍ଗଲରେ ପ୍ରବେଶ କରିଥିଲେ। ଖବର ପାଇବା ପରେ ବ୍ରଜରାଜନଗର ବନାଞ୍ଚଳ କର୍ମଚାରୀମାନେ ହାତୀପଲକୁ ଘଉଡାଇବାକୁ ଉଦ୍ୟମ ଜାରି ରଖିଥିଲେ। ପରେ ହାତୀମାନେ ଜମେରା ଗ୍ରାମ ଜଙ୍ଗଲରେ ପ୍ରବେଶ କରିଥିବା ଖବର ପ୍ରଚାରିତ ହେବା ପରେ ଉଭୟ ଜିଲାର ସୀମାନ୍ତବର୍ତ୍ତୀ ଗ୍ରାମବାସୀ ଭୟଭୀତ ହୋଇପଡିଛନ୍ତି। ଅନ୍ୟପଟେ ସୁନ୍ଦରଗଡ ଜିଲାର କେତେକ କୋଇଲା ଖଣିକୁ ଲୋକେ କାମ କରିବା ପାଇଁ ମଧୁପୁର ରାସ୍ତା ଦେଇ ଯାଇଥାନ୍ତି। ହେଲେ ହାତୀପଲ ଜଙ୍ଗଲରେ ଥିବା ଖବର ପାଇବା ପରେ ଲୋକମାନେ ଉକ୍ତ ବାଟ ଦେଇ ଯିବାକୁ ଭୟ କରିଥିଲେ। ଅନ୍ୟପଟେ ହାତୀଙ୍କ ଚଲାପଥ କେଛୋବାହାଲଠାରେ ରେଳପଥ ଥିବା କାରଣରୁ କୋଇଲା ପରିବହନକାରୀ ଟ୍ରେନ୍‌ର ଗତି କମାଇବା ସହିତ ବିଦ୍ୟୁତ ବିଭାଗକୁ ସଜାଗ ରହିବାକୁ ବ୍ରଜରାଜନଗର ରେଞ୍ଜର ଆରତୀ ନେଗି ଲିଖିତ ଭାବେ ଜଣାଇଥିବା ସୂଚନା ଦେଇଛନ୍ତି। ଶନିବାର ହାତୀ ପଲ ଜମେରା ଜଙ୍ଗଲରେ ଥିବାରୁ ଜିଲା ବନ ବିଭାଗ ନଜର ରଖିବା ସହ ଗ୍ରାମବାସୀଙ୍କୁ ସଜାଗ ରହିବାକୁ କହିଛି।

# ବୋର୍ଡକୁ ପଠାଇଲେ କୋଚିଂ ସେଣ୍ଟରକୁ ଆସୁଥିଲା

ବଲାଙ୍ଗୀର ଅଫିସ, ୨୫।୩

ଜାଲ ସାର୍ଟିଫିକେଟ କାରବାର ଏତେ ବ୍ୟାପକ ଏବଂ ସୁଚିନ୍ତିତ ଢ଼ଙ୍ଗରେ ଚାଲୁଥିଲା ଯେ, କୌଣସି ବ୍ୟକ୍ତି ସନ୍ଦେ କଲେବି ତାର ଟେର ପାଇପାରିବେ ନାହିଁ। କୌଣସି ଶିକ୍ଷାନୁଷ୍ଠାନ, ଅଫିସ ପଦବୀ ପାଇଁ ଚାକିରି ବାହାରିଲେ ଜାଲ ସାର୍ଟିଫିକେଟ ଦେଇ ପ୍ରାର୍ଥୀମାନେ ଚାକିରି ହାତେଇ ନେଉଥିଲେ। କୌଣସି ଅଫିସରେ ସନ୍ଦେହ କରି ସମ୍ପୃକ୍ତ ସାର୍ଟିଫିକେଟରେ ଉଲ୍ଲେଖ ଥିବା ବୋର୍ଡକୁ ସାର୍ଟିଫିକେଟ ଭେରିଫିକେଶନ ପାଇଁ ପଠାଇଲେ ଏହା ରାଜ୍ୟ ବାହାରକୁ ଯାଉଥିଲେ ମଧ୍ୟ ଏହାର ଏକ କପି ରିଲାଏନ୍ସ ଏଜୁକେଶନ କମ୍ପ୍ଲେକ୍ସ କୋଚିଂ ସେଣ୍ଟରକୁ ଆସିଯାଉଥିଲା। ଏହାପରେ ଏହାର ଭେରିଫିକେଶନ ଜେନୁଇନ୍ ବା ଅଥେନ୍‌ଟିକେଟେଡ ବୋଲି ଲେଖାଯାଇ ଏହି କୋଚିଂ ସେଣ୍ଟରରୁ ପୁଣି ସେହି ଶିକ୍ଷାନୁଷ୍ଠାନ ବା ଅଫିସକୁ ଯାଉଥିବା କୋଚିଂ ସେଣ୍ଟର ଚଢ଼ାଉ ପରେ



ରିଲାଏନ୍ସ ଏଜୁକେଶନ କମ୍ପ୍ଲେକ୍ସ କୋଚିଂ ସେଣ୍ଟର।

ପୋଲିସ ଜାଣିବାକୁ ପାଇଛି। ବଲାଙ୍ଗୀର ବା ଆଖପାଖ କୌଣସି ଜିଲାରୁ ଯଦି ସାର୍ଟିଫିକେଟ ଭେରିଫିକେଶନ ପାଇଁ ଚିଠି କରାଯାଉଥିଲା ତେବେ ଏହା ସମ୍ପୃକ୍ତ ବିଭାଗୀୟ ଅଫିସରୁ ସିଧାସଳଖ ସେହି ଶିକ୍ଷାନୁଷ୍ଠାନକୁ ଯାଉଥିଲେ ମଧ୍ୟ ତାର ଏକ କପି କୋଚିଂ ସେଣ୍ଟରକୁ ଆସିଯାଉଥିଲା। ଏଥିରୁ ଜିଲା ତଥା ଜିଲା ବାହାରେ ଥିବା ବିଭିନ୍ନ ସରକାରୀ ଅଫିସ ଗୁଡିକରେ ଏକାଧିକ ଦଲାଲ ରହୁଥିବା ସନ୍ଦେହ କରାଯାଇଛି। ଏଭଳି କିଛି ଭେରିଫିକେଶନ କଥା ଉଠିଲେ ସେହି ଅଫିସରୁ ଏକ କପି ରିଲାଏନ୍ସ କୋଚିଂ ସେଣ୍ଟଟରକୁ ଆସୁଥିଲା ଏବଂ ଏଠାରୁ ସମ୍ପୃକ୍ତ

### ସାର୍ଟିଫିକେଟ ଭେରିଫିକେଶର କୌଶଳ

ଶିକ୍ଷାନୁଷ୍ଠାନ ଜରିଆରେ ଭେରିଫିକେଶନ ଜେନୁଇନ ବୋଲି ଲେଖାଯାଉଥିଲା। ଏହି ସବୁ କାମରେ ରିଲାଏନ୍ସ କୋଚିଂ ସେଣ୍ଟରର କର୍ମଚାରୀ ଓ ଉତ୍ତରପ୍ରଦେଶର ରାକେଶ ଚୌହାନ ନାମକ ଜଣେ ବ୍ୟକ୍ତିଙ୍କ ଭୂମିକା ରହିଥିବା ପୋଲିସ ତଦନ୍ତରୁ ଜଣାପଡିଛି। ବଲାଙ୍ଗୀର ଉପଜିଲାପାଳ କୁମାର ନାଗଭୂଷଣ ମାଜିଷ୍ଟ୍ରେଟ୍ ଭାବେ ରିଲାଏନ୍ସ କୋଚିଂ ସେଣ୍ଟରରେ ଚଢ଼ାଉ ବେଳେ ଉପସ୍ଥିତ ଥିଲେ। ଏସଡିପିଓ ତୋଫାନ ବାଗ, ଟାଉନ୍ ଥାନା ଆଇଆଇସି ବିଶ୍ୱଜିତ ମନବୋଧ, ସଦର ଥାନା ଆଇଆଇସି ଶ୍ରୀକାନ୍ତ ସାହୁ ଓ ଅନ୍ୟମାନେ ଉପସ୍ଥିତ ରହି ତଦନ୍ତ ଜାରି ରଖିଥିଲେ। ରବିବାର ପୋଲିସ ପକ୍ଷରୁ ପ୍ରେସମିଟ କରାଯାଇ ଅଧିକ ସୂଚନରା ଦିଆଯିବ ବୋଲି କୁହାଯାଇଛି।

# ‘ଗୁମର ଖୋଲିଲେ ବିସ୍ଫୋରଣ ହୋଇଯିବ’

ବଲାଙ୍ଗୀର ଅଫିସ, ୨୫।୩

ବଲାଙ୍ଗୀର ଡାକ ବିଭାଗ ଚାକିରି ପାଇଁ ଜାଲ ସାର୍ଟିଫିକେଟ ଦେବା ଘଟଣାର ତଦନ୍ତ ଆଳୁ ଖୋଳୁ ଖୋଳୁ ମହାଦେବ ଭଳି ହେଲାଣି। ବଲାଙ୍ଗୀର ପୋଲିସ ଟିମ୍ ସ୍ଥାନୀୟ କୋଚିଂ ସେଣ୍ଟର ରିଲାଏନ୍ସ ଏଜୁକେଶନ କମ୍ପ୍ଲେକ୍ସରେ ଚଢ଼ାଉ କରିବା ଏବଂ ଏହାର ଡାଇରେକ୍ଟର ମନୋଜ ମିଶ୍ର ଏବଂ ସହଯୋଗୀ ଆଲୋକ ଉଦ୍‌ଗାତାଙ୍କୁ ପଚରାଉଚରା କରିବା ପରେ ଜାଲ ସାର୍ଟିଫିକେଟର ନେଟୱର୍କ କିଭଳି ଚାଲିଥିଲା ତାହା ସ୍ପଷ୍ଟ ହେଉଛି। ଜଣେ ଅଧିକାରୀ କହିଛନ୍ତି ଯେ, ପ୍ରକୃତରେ ଯଦି ଜାଲ ସାର୍ଟିଫିକେଟ ଗୁମର ଖୋଲିଯିବ ତେବେ ଏହା ସମଗ୍ର ଦେଶରେ ଚାଲିଥିବା ଏକ ବଡ ରାକେଟର ପର୍ଦ୍ଦାଫାଶ କରିଦେବ। କେବଳ ରିଲାଏନ୍ସ ଏଜୁକେଶନ କମ୍ପ୍ଲେକ୍ସରେ ଚଢ଼ାଉ ବେଳେ ଯେଉଁ ତଥ୍ୟ ମିଳିଛି ସେଥିରୁ ଶତାଧିକ ଯୁବତୀ, ଯୁବକ ଏଠାରୁ ଜାଲ ସାର୍ଟିଫିକେଟ ନେଇ ଚାକିରି କରୁଥିବା ଅନୁମାନ କରାଯାଉଛି। ଅନେକ ଯୁବତୀ ଓ ଯୁବକ ଶିକ୍ଷକ, କ୍ରୀଡାଶିକ୍ଷକ, ଡାଟା ଏଣ୍ଟ୍ରି ଅପରେଟର୍ସ, କ୍ଲର୍କ, ପୋଲିସ, ଫରେଷ୍ଟ ବିଭାଗ,

### ଡାକ ପଦବୀ ପାଇଁ ନକଲି ସାର୍ଟିଫିକେଟ୍ ମାମଲା

ସ୍ୱାସ୍ଥ୍ୟ ବିଭାଗ, ବିଭିନ୍ନ ବେସରକାରୀ ଅନୁଷ୍ଠାନରେ କାର୍ଯ୍ୟ କରୁଛନ୍ତି।

ରାଜ୍ୟ ତଥା ରାଜ୍ୟ ବାହାରେ କୌଣସି ସରକାରୀ ପଦପଦବୀ ମିଳିଲେ ଜାଲ ସାର୍ଟିଫିକେଟ ଯୋଗାଡ କରାଯାଉଥିଲା। ପୋଲିସ ପକ୍ଷରୁ କୁହାଯାଇଛି ଯେ, କିଛି ପିଲା ଡିଷ୍ଟାଣ୍ଟ ଏଜୁକେଶନ କୋର୍ସ ଜରିଆରେ ସାର୍ଟିଫିକେଟ ହାସଲ କରୁଥିଲେ ଏବଂ କେତେକ ଯୁବତୀ, ଯୁବକ ତତ୍‌କ୍ଷଣାତ ସାର୍ଟିଫିକେଟ ଆବଶ୍ୟକ ପଡିଲେ ଏଠାରେ ପ୍ରିଣ୍ଟ କରି ତାକୁ ଦିଆଯାଉଥିଲା। ପ୍ରାର୍ଥୀଙ୍କ ମନ ମୁତାବକ ଦେଶର କିଛି ଜଣାଶୁଣା ବିଶ୍ୱବିଦ୍ୟାଳୟର ଜାଲ ସାର୍ଟିଫିକେଟ ତିଆରି କରାଯାଉଥିଲା। ଏଥିପାଇଁ ୫୦ ହଜାରରୁ ୧ ଲକ୍ଷ ପର୍ଯ୍ୟନ୍ତ ଟଙ୍କା ନେଣଦେଣ ହେଉଥିବା ଜଣାପଡିଛି। ଆଉଟ ସୋର୍ସିଂ ଜରିଆରେ ବିଭିନ୍ନ ସରକାରୀ ଅଫିସରେ ଚାକିରି କରୁଥିବା ଶତାଧିକ ବ୍ୟକ୍ତି ଦେଶର ବିଭିନ୍ନ ସ୍ଥାନରୁ ଏଭଳି ଜାଲ ସାର୍ଟିଫିକେଟ ଯୋଗାଡ କରି ଚାକିରି କରୁଥିବା ଚର୍ଚ୍ଚାର ବିଷୟ ହୋଇଛି। ଏଭଳିକି କିଛି ଛାତ୍ରୀଛାତ୍ର ଜାଲ ସାର୍ଟିଫିକେଟ ଦେଇ ମେଡିକାଲ, ଇଞ୍ଜିନିୟରିଂ ଭଳି ପାଠ ପଢୁଥିବା ଚର୍ଚ୍ଚାର ବିଷୟ ହୋଇଛି। ଏଦିଗରେ ଅଧିକ ତଦନ୍ତ କରାଗଲେ ଅନେକ ଜାଲ ଚାକିରିଆ ହରଡଘଣାରେ ପଡିଯିବେ। ୨୦୧୬ରୁ ସାର୍ଟିଫିକେଟ କାରବାରରେ ଏହି ଅନୁଷ୍ଠାନ ଲିପ୍ତ ଥିବା ଜଣାପଡିଛି। ରିଲାଏନ୍ସ ଏଜୁକେଶନ କମ୍ପ୍ଲେକ୍ସରେ ବିଭିନ୍ନ ସରକାରୀ ଟ୍ରେନିଂ ଏବଂ ସ୍କିମ୍ ଗୁଡିକର ତାଲିମ ଦିଆଯାଉଥିବାରୁ ଏଠାକୁ ବହୁ ଅଧିକାରୀ ଏବଂ ସଦସ୍ୟ ତାଲିମ ନେବାକୁ ଆସୁଥିଲେ। ଏଠାରେ ପଞ୍ଚମ ଶ୍ରେଣୀରୁ ଦଶମ ଶ୍ରେଣୀ, ଯୁକ୍ତ ୨, ଯୁକ୍ତ ୩, ସିବିଏସ୍‌ଇ, ଆସିଏସ୍‌ଇ କୋର୍ସରେ କୋଚିଂ ଦିଆଯାଉଥିଲା। ଏହାସହିତ ସିଭିଲ ସର୍ଭିସ ଉଭୟ ୟୁପିଏସ୍‌ସି, ଓପିଏସ୍‌ଇ, ବ୍ୟାଙ୍କ ପିଓ, କ୍ଲର୍କ, ରେଲୱେ, ଏସ୍‌ଏସ୍‌ସି, ଓଏସ୍‌ଏସ୍‌ସି, କମ୍ପ୍ୟୁଟର ପାଠରେ କୋଚିଂ ଦିଆଯାଉଥିଲା। ଜଣାଶୁଣା କୋଚିଂ ସେଣ୍ଟର ଭାବେ ବହୁ ଛାତ୍ରୀଛାତ୍ର ଏଠାରେ ପାଠ ପଢ଼ି ଅନେକ ଚାକିରି ମଧ୍ୟ ପାଇଛନ୍ତି। ତେବେ ଏଠାରେ ଜାଲ ସାଟିଫକେଟ ରାକେଟ ଚାଲିଥିବା ଜଣାପଡିବା ପରେ ସର୍ବତ୍ର ହଇଚଇ ସୃଷ୍ଟି ହୋଇଛି।

### ଅନ୍ୟ ଅନୁଷ୍ଠାନରେ ବି ଜାଲ ସାର୍ଟିଫିକେଟ କାରବାର

ବଲାଙ୍ଗୀର ଅଫିସ, ୨୫।୩

ରିଲାଏନ୍ସ ଏଜୁକେଶନ କମ୍ପ୍ଲେକ୍ସରେ ଜାଲ ସାର୍ଟିଫିକେଟ କାରବାର ଚାଲିଥିବା କଥା ପ୍ରଘଟ ହେବା ପରେ ଅନ୍ୟ କିଛି କୋଚିଂ ସେଣ୍ଟର ଏବଂ ଶିକ୍ଷାନୁଷ୍ଠାନରେ ବି ଛନକା ପଶିଛି। ରିଲାଏନ୍ସ କେଚିଂ ସେଣ୍ଟର ଭିତରୁ କେବିଭିଟିଆଇ ଅନୁଷ୍ଠାନର କିଛି ସାର୍ଟିଫିକେଟ ମିଳିବା ପରେ ଏହି ଶିକ୍ଷାନୁଷ୍ଠାନ ମଧ୍ୟ ପୋଲିସ ସ୍କେନରକୁ ଆସିଛି। ଏହି ସଂସ୍ଥାର ସାର୍ଟିଫିକେଟ କେଉଁ ପରିସ୍ଥିତିରେ ଏଠାକୁ ଆସିଲା ଏହା ତଦନ୍ତ ସାପେକ୍ଷ। ଏହାସହିତ ଆଉ କିଛି କୋଚିଂ ସେଣ୍ଟର ଏବଂ ଶିକ୍ଷାନୁଷ୍ଠାନ ଏଭଳି ଜାଲ ସାର୍ଟିଫିକେଟ କାରବାରରେ ମାତିଥିବା ଜଣାପଡିଛି। ଏଦିଗରେ ତଦନ୍ତ ହେଲେ ବହୁ ଜାଲଖୋରଙ୍କ ଗୁମର ଖୋଲିବ ବୋଲି ଅନୁମାନ କରାଯାଉଛି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com


@ ସୁଜିତ୍


@ ସୌମ୍ୟରଞ୍ଜନ


@ ଅରୁଣ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବୌଦ୍ଧ ଜିଲା ମିଳିତ ଅମଲା ମଞ୍ଚ ବୈଠକ


ଅମଲା ମଞ୍ଚର ବୈଠକରେ କର୍ମକର୍ତ୍ତା ।

ବୌଦ୍ଧ,୨୫।୩(ସ୍ୱ.ପ୍ର.)

ବୌଦ୍ଧ ଜିଲା ମିଳିତ ଅମଲା ମଞ୍ଚର ବୈଠକ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଓଡିଶା ଅମଲା ସଂଘ ବୌଦ୍ଧ ଜିଲା ସଂପାଦକ ସୁଦାମ ଚରଣ ମିଶ୍ର ଓ ରାଜସ୍ୱ ଅମଲା ସଂଘ ସଂପାଦକ ପ୍ରେମାନନ୍ଦ ମେହେରଙ୍କ ଆହ୍ୱାନ କ୍ରମେ ଏହା ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ଗ୍ରେଡପେ ୪୨୦୦ଟଙ୍କା ଦାବି କରାଯାଇଥିଲା।

### ୪୨ ଶହ ଟଙ୍କା ଗ୍ରେଡପେ ଦାବି

ଆଗାମୀ ଦିନରେ ଯଦି ଅମଲାମାନଙ୍କର ନ୍ୟାଯ୍ୟ ଦାବି ପୂରଣ କରା ନ ଯାଏ ତେବେ ରାଜ୍ୟ ମିଳିତ ଅମଲା ମଞ୍ଚ ନିର୍ଦ୍ଦେଶରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ। ବୈଠକରେ ଜିଲା ମିଳିତ ଅମଲା ମଞ୍ଚର ଅଧ୍ୟକ୍ଷ ଭାବରେ ମାନସ ରଞ୍ଜନ ସେଠୀ ଓ ଆବାହକ ଭାବରେ ସୁଦାମ ଚରଣ ମିଶ୍ରଙ୍କୁ ମନୋନୀତ କରାଯାଇଥିଲା। ଓଡିଶା ଅମଲା, ରାଜସ୍ୱ ଅମଲା, ଟ୍ରେଜିରୀ ଅମଲା, ସବରେଜିଷ୍ଟର ଅମଲା, ଜିଲାସ୍ତରୀୟ ଅମଲା ସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ ଯୋଗ ଦେଇଥିଲେ। ରାଜଗୋପାଳ ମହାପାତ୍ର, ରାଜେନ୍ଦ୍ର ମହାପାତ୍ର, ସୁପ୍ରଭା ପ୍ରଧାନ, ବୈଶାଖୁ କର୍ଣ୍ଣ, ଲକ୍ଷ୍ମୀନାରାୟଣ ବଳିଆରସିଂ, ଦିଲିପ ମେହେର, ସୁଧାଂଶୁ ଶେଖର ଦଳାଇ, କୁଳମଣି ପ୍ରଧାନ, ରାହୁଲ ଦାସ, ଲୋକେଶ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱାଗତିକା ସାଥୁଆ ଧନ୍ୟବାଦ ଦେଇଥିଲେ।

### ଲୋକଙ୍କ ସମସ୍ୟା ପଚାରି ବୁଝିଲେ ନଗରପାଳ

ବୌଦ୍ଧ,୨୫।୩(ସ୍ୱ.ପ୍ର.)

ବୌଦ୍ଧଗଡ ବିଜ୍ଞାପିତ ଅଞ୍ଚଳ ପରିଷଦର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ତଦାରଖ କରିବା ସହ ଲୋକଙ୍କ ସମସ୍ୟା ପଚାରି ବୁଝିଛନ୍ତି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର। ଶନିବାର ଏନଏସି ଅଧ୍ୟକ୍ଷ ମିଶ୍ର ୯ ନମ୍ବର ୱାର୍ଡ ଗସ୍ତ କରିଥିଲେ। ୱାର୍ଡର ସମସ୍ତ ରାସ୍ତା, ଡ୍ରେନ୍, ପରିମଳ ବ୍ୟବସ୍ଥା କିପରି ରହିଛି ବୁଲି ଦେଖିଥିଲେ। ଭତ୍ତାରୁ ବଞ୍ଚିତ ଥିବା ବ୍ୟକ୍ତିଙ୍କୁ ତୁରନ୍ତ ଭତ୍ତା ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ଆଲୋକ,ପାଣି ବ୍ୟବସ୍ଥା ବିଷୟରେ ପଚାରି ବୁଝିଥିଲେ। ଏଥିସହିତ ୱାର୍ଡର ଉନ୍ନୟନମୂଳକ କାର୍ଯ୍ୟ ଉପରେ ଲୋକଙ୍କ ମତ ଲୋଡିଥିଲେ। ଏହି ଗସ୍ତ ସମୟରେ ୯ ନମ୍ବର କାଉନସିଲର ସୂର୍ଣ୍ଣଲତା ଦଳେଇ, ଉପନଗରପାଳ ସୁବାସିନୀ ସେଠୀ, ପରିମଳ ଅଧିକାରୀ ସୁନିଲ ପ୍ରଧାନ ପ୍ରମୁଖ ସାମିଲ ଥିଲେ ।

# ସେବା, ସେବାକାରୀଙ୍କୁ ଉତ୍ସାହିତ କର


ମାହେଶ୍ୱରୀ ଅନୁଷ୍ଠାନ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ବଲାଙ୍ଗୀର ଅଫିସ, ୨୫।୩

ବଲାଙ୍ଗୀରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାହେଶ୍ୱରୀର ଷଷ୍ଠ ବାର୍ଷିକ ଉତ୍ସବ ଶନିବାର ସ୍ଥାନୀୟ ଟାଉନ୍ ହଲଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଟିଭି ସହସଂସ୍ଥାପିକା ଜାଗିମଙ୍ଗତ ପଣ୍ଡା ମୁଖ୍ୟଅତିଥି, ଓଭୋ ଫାର୍ମର ଲିଡ ଏନାଲିଷ୍ଟ କାମ୍ ଲିନ୍ ଲାଇ, ଯୁବଉଦ୍ୟୋଗୀ ରେରିଏନ୍ ଫ୍ଲୁଇଡ୍ ଟେକରର ଅନିରୁଦ୍ଧ ମିଶ୍ର ଯୋଗଦେଇଥିଲେ। ମାହେଶ୍ୱରୀ ପରିଚାଳନା ନିର୍ଦ୍ଦେଶକ ଅଙ୍କୁଶ ପାଣ୍ଡିଆ, ସଭାପତି ଶୋଭନ ଅଗ୍ରୱାଲ, ଉପଦେଷ୍ଟା

### ମାହେଶ୍ୱରୀ ଅନୁଷ୍ଠାନର ଷଷ୍ଠବାର୍ଷିକ ଉତ୍ସବ

ବ୍ୟାସଦେବ ନନ୍ଦ, ଦିନେଶ ଶର୍ମା, ଲଳିତ କୁମାର ସାହୁ ମଞ୍ଚାସୀନ ଥିଲେ। ମୁଖ୍ୟଅତିଥି ପଣ୍ଡା ତାଙ୍କ ବକ୍ତବ୍ୟରେ ସେବା ଓ ସେବାକାରୀ ଉଭୟଙ୍କୁ ଉତ୍ସାହିତ କରିବା ଏବଂ ସହଯୋଗ କରିବାକୁ କହିଥିଲେ। ସମ୍ମାନିତ ଅତିଥି ଲାଇ ତାଙ୍କ ବକ୍ତବ୍ୟରେ ଭିଏତନାମ ଏବଂ ଭାରତୀୟ ମହିଳାମାନଙ୍କ ତୁଳନାତ୍ମକ ଚିତ୍ର ଉପସ୍ଥାପନ କରି ମହିଳାମାନେ କର୍ମଜୀବୀ ହେବା କଥା ଓ ଏଦିଗରେ ସମସ୍ତେ ସହଯୋଗ କରିବାକୁ କହିଥିଲେ। ଯୁବଉଦ୍ୟୋଗୀ ମିଶ୍ର ତାଙ୍କ ବକ୍ତବ୍ୟରେ ନିଜ ଶିକ୍ଷା ଏବଂ ଲକ୍ଷ୍ୟ ସମ୍ପର୍କରେ କହି ସଫଳ ବ୍ୟବସାୟୀ ଏବଂ ଉଦ୍ୟୋଗୀ ହେବାକୁ ଉତ୍ସାହିତ କରିଥିଲେ। ସଭାରେ ସମସ୍ତ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହିଳା ସ୍ୱେଚ୍ଛାସେବୀ ବିଷ୍ଣୁପ୍ରିୟା ପାଣି ସ୍ୱାଗତ ବକ୍ତବ୍ୟ ଦେଇଥିଲେ। ସଭାକୁ ଉପଦେଷ୍ଟା ଡା ଲଳିତ ସାହୁ ସଂଯୋଜନା କରିଥିଲେ। ଏହି ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଯୋଗଦାନ କରିଥିଲେ।

# ଯୋଗ ସକାରାତ୍ମକ ଚିନ୍ତାଧାରା ଜନ୍ମାଇଥାଏ

ଅମରପାଲି,୨୫।୩(ଡି.ଏନ.ଏ.)

ଯୋଗ ଏକ ଜୀବନ ଦର୍ଶନ। ଏହା ଶରୀର, ମନ, ହୃଦୟ ଚିନ୍ତା ଚେତନା ଓ ଆଧ୍ୟାତ୍ମିକତାକୁ ପ୍ରଭାବିତ କରିଥାଏ।ଯୋଗ ଭାବନାରେ ଶୁଦ୍ଧତା ଆଣେ ଓ ସକରାତ୍ମକ ଚିନ୍ତାଧାରା ଜନ୍ମାଇଥାଏ। ବୀରମହାରାଜପୁରଠାରେ ଅନୁଷ୍ଠିତ ଏକଦିବସୀୟ ଯୋଗ କର୍ମଶାଳାରେ ପାରାଦ୍ୱୀପ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ତଥା ଯୋଗାଚାର୍ଯ୍ୟ ଡ.ସୁଧାକର ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହା ପ୍ରକାଶ କରିଛନ୍ତି। ବୀରମହାରାଜପୁର ଆଞ୍ଚଳିକ ଯୋଗାଳୟ ଆନୁକୂଲ୍ୟରେ ଅନୁଷ୍ଠିତ କର୍ମଶାଳା ଯୋଗଗୁରୁ ଦ୍ୱିତୀକୃଷ୍ଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍


କର୍ମଶାଳାରେ ଉପସ୍ଥିତ ଅତିଥି ଓ ସଦସ୍ୟ।

ଡ.ପ୍ରଫୁଲ୍ଲ କୁମାର ରଥ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ମାନବ ଜୀବନରେ ଯୋଗର ପ୍ରଭାବ ସମ୍ପର୍କରେ ମତ ରଖିଥିଲେ। କ୍ୟାପଟେନ ସୂର୍ଯ୍ୟନାରାୟଣ ପଣ୍ଡା ଅତିଥି ପରିଚୟ ପ୍ରଦାନ ଓ ଅବସରପ୍ରାପ୍ତ ଶିକ୍ଷକ ସନ୍ୟାସୀ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କର୍ମଶାଳାରେ ଆଇନଜୀବୀ ସୁଶୀଲ କୁମାର ପାଣିଗ୍ରାହୀ, ରାଜେନ୍ଦ୍ର ରଥ, ଜୟରାମ ତ୍ରିପାଠୀ, କୃଷ୍ଣ ମହାକୁର, ରମେଶ ପଣ୍ଡା, ସୁରେଶ ମେହେର, ସୁଦାମ ଖଣ୍ଡଗିରୀ, ବାନା ଭୂଷଣ ପଣ୍ଡା, ଶମ୍ଭୁ ପ୍ରସାଦ ମେହେର,ରାଜେଶ ପାଣିଗ୍ରାହୀ, ଗୋପିନାଥ ଚାନ୍ଦ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ତାଳାବେଲା, ଟାନୱାଟ ଅଞ୍ଚଳରେ ବୁଲୁଛି ବାଘ

ନୂଆପଡ଼ା ଅଫିସ,୨୫।୩

ନୂଆପଡ଼ା ସଦର ମହକୁମାଠାରୁ ୫ କିଲୋମିଟର ଦୂରରେ ଅବସ୍ଥିତ ଟାନୱାଟ ପଞ୍ଚାୟତ। ଏହି ପଞ୍ଚାୟତର ଟାନୱାଟ ଗ୍ରାମରେ ବାଘ ବୁଲୁଥିବା ଦେଖିବାକୁ ମିଳିଛି। ଗୁରୁବାର ରାତି ପ୍ରାୟ ୮ଟାରେ ଗାଁର ମୋହନ ଶବର ଓ ତାଙ୍କ ଭାଇ ରିଙ୍କୁ ଶବର ଏକ ବାଇକ୍‌ରେ ଗାଁ ମୁଣ୍ଡକୁ ବିଦ୍ୟୁତ୍ ସଜାଡିବାକୁ ଯାଉଥିବା ସମୟରେ ରାସ୍ତା କଡ଼ରେ ବାଘ ବସିଥିବା ଦେଖି ଭୟରେ ଜୀବନ ବଞ୍ଚାଇବା ପାଇଁ ଦୁଇ ଭାଇ ବାଇକ୍‌କୁ ଛାଡି ଗାଁକୁ ଦୌଡି ପଳାଇ ଯାଇଥିଲେ। ସେଠାରେ ଉପସ୍ଥିତ ଥିବା ଲୋକଙ୍କୁ ଜଣାଇବା ପରେ ଲୋକେ ଟର୍ଚ୍ଚ ଲାଇଟ, ଠେଙ୍ଗା, ବାଡି ଧରି ବହୁତ ଜୋରରେ ପାଟିକରି ଯିବାରୁ ବାଘ ପାଖ ଜଙ୍ଗଲକୁ ଚାଲି ଯାଇଥିଲା। ଏହି ଖବର ପ୍ରଚାରିତ ହେଲା ପରେ ଅଞ୍ଚଳରେ ଭୟର ବାତାବରଣ ଖେଳି ଯାଇଛି। ଦିନ ରାତି ଲୋକେ ତାଟି କବାଟ ବନ୍ଦ କରି ରହୁଛନ୍ତି। ସେହିପରି କୋମନା ବ୍ଲକ ଅନ୍ତର୍ଗତ ସୁନାବେଡା ଅଭୟାରଣ୍ୟ ଭିତରେ ଅବସ୍ଥିତ ସୋସେଙ୍ଗ ପଞ୍ଚାୟତ ଜଳମଡେଇ ଗାଁରେ ବୃଦ୍ଧା ସମେତ ଗୋଟିଏ କୁକୁର ଓ ଗୋଟିଏ ବାଛୁରୀ ଶିକାର ପରେ ତାଳାବେଳା ଗାଁ ଅଞ୍ଚଳରେ ମଣିଷ ଖିଆ ବାଘ ପଇଁତରା ମାରୁଥିବା ଦେଖିବାକୁ ମିଳିଛି। ଜଳମଡେଇ ଗାଁରେ ବାଘ ଘଟଣା ଘଟାଇ ପ୍ରାୟ ୮ରୁ ଉର୍ଦ୍ଧ୍ୱ କିଲୋମିଟର ଦୂର ତାଳାବେଳା ଗ୍ରାମକୁ ଯାଇ ରାଜ କରୁଥିବା ଦେଖା ଯାଇଛି। ଜଳମଡେଇ ଗାଁରେ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ୧୩ଟି ଟ୍ରାକିଂ କ୍ୟାମେରା ଲଗାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ବାଘର ଫଟୋ ଉତ୍ତୋଳନ ନ ହେବାରୁ ବିଭାଗ ନିରାଶ ହୋଇ ବସିଛି। ବନ୍ୟପ୍ରାଣୀ ବିଭାଗ ଟ୍ରାକିଂ କ୍ୟାମେରା ଲଗାଇ ବାଘର ଚିତ୍ର ଉତ୍ତୋଳନ କେବେ ହେବ ତାହାକୁ ଅନାଇ ବସିଛି। ସାଧାରଣ ଲୋକଙ୍କ ଜୀବନଜୀବିକା ପ୍ରଭାବିତ ହୋଇଛି। ତାହା ଉପରେ ଚିନ୍ତା କରୁନାହିଁ। ଆମର ଟିମ୍ ସବୁବେଳେ ଉପସ୍ଥିତ ରହି ଲୋକଙ୍କୁ ସଚେତନ କରୁଛୁ ବୋଲି ବିଭାଗୀୟ ଅଧିକାରୀ କହି ଚାଲିଛନ୍ତି। ବର୍ତ୍ତମାନ ସମୟରେ ଲୋକଙ୍କ ପରିସ୍ଥିତି ଏପରି ହେଲାଣି ଯେ, ଚୂଲି ଜଳିବା ମଧ୍ୟ ମୁସକିଲ ହୋଇ ପଡିଲାଣି। ଲୋକେ ବାହାରକୁ ରୋଜଗାର ପାଇଁ ଯାଇପାରୁ ନାହାନ୍ତି। ଭୋକ ଉପବାସରେ କାଳାତିପାତ କରିବାକୁ ପଡୁଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି।

# ପୁଷ୍ଟିଶସ୍ୟ ଖାଦ୍ୟ ଉତ୍ସବ

## ମାଣ୍ଡିଆ ମହକରେ ମହକିଲା ଗମ୍ଭାରି ପଞ୍ଚାୟତ ପରିସର



ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟର ପ୍ରଦର୍ଶନ କରାଯାଉଛି।

ସୁନ୍ଦରଗଡ଼,୨୫।୩(ଡି.ଏନ.ଏ.)

ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ମିଲେଟ ମିଶନ କାର୍ଯ୍ୟକ୍ରମ ଦ୍ୱାରା ପୃଷ୍ଟିଶସ୍ୟର ବହୁଳ ବ୍ୟବହାର ତଥା ଘରେ ଘରେ ପ୍ରତ୍ୟେକ ଖାଦ୍ୟ ଥାଳିରେ ପହଞ୍ଚାଇବା ପାଇଁ ବ୍ୟାପକ ପ୍ରୟାସ କରାଯାଉଛି। ଶନିବାର ଟାଙ୍ଗରପାଲି ବ୍ଲକ ଗମ୍ଭାରି ଗ୍ରାମପଞ୍ଚାୟତରେ ଦୁଇ ଦିନିଆ ପୁଷ୍ଟିଶସ୍ୟ ଖାଦ୍ୟ ମହୋତ୍ସବ ଆୟୋଜିତ ହୋଇଛି। ଏହାକୁ ଜିଲା ପରିଷଦ ସଭାପତି କୁନ୍ତୀ ପ୍ରଧାନ ଓ ଟାଙ୍ଗରପାଲି ବ୍ଲକ ଅଧକ୍ଷା ତପସ୍ୱିନୀ ମାଝି ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମକୁ ସେବକ ଅନୁଷ୍ଠାନର ଅମିୟ ରଞ୍ଜନ ଲେଙ୍କା ପରିଚାଳନା କରିଥିଲେ। ମାଣ୍ଡିଆରୁ ତିଆରି ହୋଇଥିଲା ଭଳିକି ଭଳି ସୁଆଦିଆ ଖାଦ୍ୟ। ପୁଷ୍ଟିକର ମାଣ୍ଡିଆରୁ ବରା, ପକୁଡି, ଲଡୁ, ପିଠା ସର୍ବତ ଆଦି ପ୍ରସ୍ତୁତ ହୋଇଛି। ଅତିଥି ଏବଂ ସ୍ଥାନୀୟ ଲୋକେ ଏହି ଖାଦ୍ୟର ମଜା ନେଇଥିଲେ। ଓଡ଼ିଶା ପୃଷ୍ଟି ଶସ୍ୟ ମିଶନ ଅଧୀନରେ ଟାଙ୍ଗରପାଲି ବ୍ଲକର ସେବକ ପକ୍ଷରୁ ପୃଷ୍ଟିକର ଖାଦ୍ୟ ଉତ୍ସବ ଆୟୋଜିତ କରାଯାଇଥିଲା। ଗଜବାହିନୀ ଏସ୍‌ଏଚଜି. କତ୍ରା-ଲିମ, ଶିବାନୀ ଏସଏଚଜି ଫୁଲୁଡି ଓ ଶୁଭଶ୍ରୀ ଏସଏଚଜି କୁଆରବଗାର ସଦସ୍ୟମାନେ ମାଣ୍ଡିଆରୁ ୧୮ ପ୍ରକାର ଖାଦ୍ୟ ପ୍ରସ୍ତୁତ କରି ପରସି ଦେଇଥିଲେ। ମାଣ୍ଡିଆରେ ପୋଷଣ ଶକ୍ତି ଭରି ରହିଛି। ଖୁସିର କଥା ଯେ, ଏଥିରୁ ପ୍ରସ୍ତୁତ ବିଭିନ୍ନ ପ୍ରକାର ଖାଦ୍ୟର ଆଦର ବଢୁଛି। ଜିଲାରେ ମାଣ୍ଡିଆ ଚାଷକୁ ପ୍ରୋତ୍ସାହନ ଦିଆଯାଉଛି। ତେଣୁ ମାଣ୍ଡିଆରୁ ନିଜ ପସନ୍ଦ ମୁତାବକ ଖାଦ୍ୟ ପ୍ରସ୍ତୁତ କରି ଲୋକେ ଖାଇପାରିବେ ଏବଂ ଏହା ସହ ମାଣ୍ଡିଆରୁ ଖାଦ୍ୟ ପ୍ରସ୍ତୁତ କରି ଜୀବିକା ନିର୍ବାହ କରିବାକୁ ରାସ୍ତା ଖୋଲିଛି। ମାଣ୍ଡିଆରୁ ରୁଚିକର ଖାଦ୍ୟ ପ୍ରସ୍ତୁତ ସମ୍ପର୍କରେ ବ୍ଲକର ବିଭିନ୍ନ ସ୍ଥାନରେ ମହିଳାମାନଙ୍କୁ ତାଲିମ ଦିଆଯାଉଛି। ସେହିପରି ମହିଳା ଏସ୍‌ଏଚଜିମାନଙ୍କୁ ମଧ୍ୟ ଏ ବାବଦରେ ତାଲିମ ଦିଆଯାଉଛି।

ଓଡିଶା ପୃଷ୍ଟି ଶସ୍ୟ ମିଶନ ଅଧୀନରେ ଟାଙ୍ଗରପାଲି ବ୍ଲକର ୧୩ ପଞ୍ଚାୟତରେ ମାଣ୍ଡିଆ ଚାଷ କରାଯାଉଛି। ୧୦୧୦ ଜଣ ହିତାଧିକାରୀଙ୍କୁ ଜିଲା ଖଣିଜ ପାଣ୍ଠିରୁ ଆର୍ଥିକ ସହାୟତା ଦିଆଯାଉଥିବା ବେଳେ ସେବକ ରଙ୍ଗିଆମୁଣ୍ଡା ସହଭାଗୀ ଅନୁଷ୍ଠାନ ଭାବେ କାର୍ଯ୍ୟକ୍ରମକୁ ଆଗେଇ ନେଉଛି। ମାଣ୍ଡିଆରୁ ସୁଆଦିଆ ଖାଦ୍ୟ ପ୍ରସ୍ତୁତ କରିଥିବା କାର୍ଯ୍ୟକ୍ରମକୁ ରୂପାୟନ ହୋଇଥିବାରୁ ସମସ୍ତଙ୍କୁ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉଜ୍ଜ୍ୱଳପୁର ବନାଞ୍ଚଳ ଅଧିକାରୀ ଅରୁଣ ସାହୁ, ଉଜଳପୁର ସହକାରୀ ବନାଞ୍ଚଳ ଅଧିକାରୀ ପଞ୍ଚାନନ ସରାପ, ଗମ୍ଭରି ସରପଞ୍ଚ ରବୀନ ଚନ୍ଦ୍ର ସା, ସମିତିସଭ୍ୟ ତପସିନୀ କଲୋ, ସମନ୍ୱିତ ଶିଶୁବିକାଶ କାର୍ଯ୍ୟାଳୟ ଟାଙ୍ଗରପାଲିରୁ ତରସିଲା ଏକ୍କା, ସନ୍ତୋଷୀ ଖାସ, ଗମ୍ଭାରି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ମିଶ୍ର ଓ ଗ୍ରାମ୍ୟ କୃଷି ଅଧିକାରୀ କେ . କିଶୋର ସିଂହ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ଲକ ସଂଯୋଜକ ଠଣସୁନ୍ଦର ଗନ୍ଧା, ବସୁଧା କୃଷକ ସଙ୍ଗଠନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବିଶାଳ ବନଛୁର, ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଉନ୍ନୟନ ଅଧିକାରୀ ମନୋରଞ୍ଜନ ମଲ୍ଲିକ, ବସୁଧା କୃଷକ ସଙ୍ଗଠନର ଯଶୋବନ୍ତ ରାଉତ, ଦମୟନ୍ତୀ ନାଏକ, ଝିନା ବଡେକ, ସଞ୍ଜୟ ସିଂହ, ଆକାଶ ଚଉଧୁରୀ ଓ ସୁମନ୍ତ ଖମାରି ପ୍ରମୁଖ ପରିଚାଳନା କରିଥିଲେ।

## ପ୍ରେମ ପ୍ରତାରଣା: ଯୁବକ କୋର୍ଟ ଚାଲାଣ

ଲହୁଣୀପଡ଼ା,୨୫।୩(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ବ୍ରହ୍ମଣୀଦର ଗ୍ରାମର ଜଣେ ଯୁବକ ବଡ଼ପୁରୁଣାପାଣି ପଞ୍ଚାୟତ ନୂଆଗାଁ ଗ୍ରାମର ଜଣେ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ପ୍ରତାରଣା କରିବା ଅଭିଯୋଗ ହୋଇଛି। ବ୍ରାହ୍ମଣୀଦର ଗ୍ରାମର ସନ୍ତୋଷ କିଷାନ ବଡ଼ପୁରୁଣାପାଣି ପଞ୍ଚାୟତର ନୂଆଗାଁ ଗ୍ରାମକୁ ନିଜ ସମ୍ପର୍କୀୟ ଘରକୁ ଯାତାୟାତ କରୁଥିବାବେଳେ ସେହି ଗ୍ରାମର ଜନୈକା ଯୁବତୀଙ୍କ ସହିତ ପ୍ରେମ ସମ୍ପର୍କ ସ୍ଥାପନ କରିଥିଲେ। ବିବାହ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଯୁବତୀ ଜଣଙ୍କ ବିବାହ କରିବା ପାଇଁ ବାରମ୍ବାର କହିବାରୁ ଯୁବକ ବିଭିନ୍ନ ପ୍ରକାର ଆଳଦେଖାଇ ସମୟ ଗଡେଇ ଚାଲିଥିଲେ। ଯୁବତୀଙ୍କ ଅଜାଣତରେ ଅନ୍ୟ ସ୍ଥାନରେ ବିବାହ କରିବା ପାଇଁ ସମସ୍ତ ପ୍ରକାର ଉଦ୍ୟମ ଆରମ୍ଭ କରି ଦେଇଥିଲେ ବୋଲି ଜଣା ପଡିବା ପରେ ଯୁବତୀ ଜଣକ ଲହୁଣୀପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଉଭୟ ପକ୍ଷଙ୍କୁ ଡକାଇ ପଚରାଉଚରା କରିବା ସମୟରେ ସନ୍ତୋଷ କିଷାନ ଓ ପରିବାର ଲୋକେ କହିଲେ ଯେ ଅନ୍ୟ ସ୍ଥାନରେ ନିର୍ବନ୍ଧ କାର୍ଯ୍ୟ ଶେଷ ହୋଇଯାଇଥିବାରୁ ତାର ସମାଧାନ କରି ପ୍ରଥମ ଝିଅକୁ ବିବାହ କରିବା ପାଇଁ ପ୍ରତିଶ୍ରୁତି ଦେଇ ସାତ ଦିନର ମହଲତ ନେଇଥିଲେ। କିନ୍ତୁ ସମାଧାନ କରିବା ପରିବର୍ତ୍ତେ ନିର୍ବନ୍ଧ କରିଥିବା ଯୁବତୀଙ୍କ ସହିତ ମନ୍ଦିରରେ ବିବାହ କରିବା ସହିତ କୋର୍ଟ ମ୍ୟାରେଜ କରି ଦେଇଥିଲେ। ଏ ସମ୍ପର୍କରେ ସୂଚନା ପାଇବା ପରେ ପ୍ରତାରିତା ଯୁବତୀ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଥିବା ଜଣାପଡିଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ସୁଜିତ୍



@ ସୌମ୍ୟରଞ୍ଜନ



@ ଅରୁଣ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରାଜଗାଙ୍ଗପୁର ଓକିଲ ସଂଘ ନିର୍ବାଚନ

## ସଭାପତି ଅଶୋକ ପାଣି, ସମ୍ପାଦକ ରବୀନ୍ଦ୍ର ଦାଶ

ରାଜଗାଙ୍ଗପୁର, ୨୫।୩(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଓକିଲ ସଂଘର ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବରେ ଅଶୋକ ପାଣି ୪୮ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲା ବେଳେ ନିକଟତମ ପ୍ରତିଦ୍ୱନ୍ଦୀ ମନୋଜ ସାହୁ ୨୫ ଖଣ୍ଡ, ମହମ୍ମଦ ମହସିନ ୩ ଖଣ୍ଡ, ସମରେନ୍ଦ୍ର ସରୋନିଆ ୨ ଖଣ୍ଡ ଭୋଟ ପାଇଥିଲେ। ଉପସଭାପତି ପଦବୀରେ ଦିଲ୍ଲୀପ ସାହୁ ୬୧ଖଣ୍ଡ ଭୋଟ ପାଇ ଜୟଯୁକ୍ତ ହୋଇଥିଲେ। ତାଙ୍କର ନିକଟତମ ପ୍ରତିଦନ୍ଦୀ ରଞ୍ଜିତା ଦଣ୍ଡସନା ୧୬ଖଣ୍ଡ ଭୋଟ ପାଇଥିଲେ। ସମ୍ପାଦକ ଭାବେ ରବୀନ୍ଦ୍ର ଦାଶ ୩୭ଖଣ୍ଡ ଭୋଟ ପାଇ ଜୟଯୁକ୍ତ ହୋଇଛନ୍ତି। ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ରାଜୀବ ହାଲଦାର ୨୯ ଖଣ୍ଡ ଓ ସନ୍ତୋଷ ସାହୁ ୧୨ ଖଣ୍ଡ ଭୋଟ ପାଇଥିଲେ। ପୂର୍ବରୁ ନିଦ୍ୱନ୍ଦରେ ଯୁଗ୍ମ ସମ୍ପାଦକ ଭାବେ ତ୍ରିବିକ୍ରମ ପୃଷେଠ, ସହସମ୍ପାଦକ ଭାବେ ପ୍ରମୋଦ କୁଜୁର, ଲାଇବ୍ରେରି ସମ୍ପାଦକ ଭାବେ ଦିଲ୍ଲୀପ କୁମାର ସିଂ, ସହ ଲାଇବ୍ରେରି ସମ୍ପାଦକ ଭାବେ ସୁସିଲ ତିର୍କୀ, କୋଷାଧ୍ୟକ୍ଷ ଭାବେ ମହେନ୍ଦ୍ର କୁମାର ମାଝୀ ନିର୍ବାଚିତ ହୋଇଛନ୍ତି। ଏକଜିକ୍ୟୁଟିଭ ମେମ୍ବର ପଦବୀ ପାଇଁ ପ୍ରଦୀପ କୁମାର କେସରୱାନି, ରାଜେନ୍ଦ୍ର କୁମାର ଗିରି, ନରେଶ ଧଳ, ଆକଦାସ ଅଞ୍ଜୁମ ସରସରି, ଗ୍ୟାସୁଦ୍ଦିନ ମହମ୍ମଦ ନିର୍ବାଚିତ ହୋଇଛନ୍ତି। ଏହି ଓକିଲ ସଂଘର ନିର୍ବାଚନକୁ ନିର୍ବାଚନ ଅଧିକାରୀ ଅର୍ଚ୍ଚନା ମୁଦୁଲି ପରିଚାଳନା କରିଥିଲେ।




ଓକିଲ ସଂଘର ନବନିର୍ବାଚିତ କର୍ମକର୍ତ୍ତା।

# କମଳ ସେନ ସଭାପତି, ଅଶୋକ ସ୍ୱାଇଁ ସମ୍ପାଦକ



କମଳ ଲୋଚନ ସେନ୍ | ଅଶୋକ ସ୍ୱାଇଁ | ସରିତା ପଟେଲ | ପ୍ରଣବ କୁମାର ହାତୀ | ବୁଧଦେବ ନାଏକ

## ସୁନ୍ଦରଗଡ଼ ଜିଲା ଓକିଲ ସଂଘ ନିର୍ବାଚନ

ସୁନ୍ଦରଗଡ଼,୨୫।୩(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଓକିଲ ସଂଘର ନିର୍ବାଚନ ଶନିବାର ସମାପନ ହୋଇଛି। ଏହି ନିର୍ବାଚନରେ କମଳ ଲୋଚନ ସେନ ଚଳିତ ଥର ଲଗାତାର ଦ୍ୱିତୀୟ ଥର ପାଇଁ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସଭାପତି ଓ କୋଷାଧ୍ୟକ୍ଷ ପଦବୀ ପାଇଁ ଭୋଟଗ୍ରହଣ ହୋଇଥିଲାବେଳେ ଅନ୍ୟ ପଦବୀରେ ପ୍ରାର୍ଥୀମାନେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି। ସଭାପତି ଓ କୋଷାଧ୍ୟକ୍ଷ ପଦବୀ ପାଇଁ ମୋଟ ୧୭୧ ଖଣ୍ଡ ଭୋଟ ପଡିଥିଲା। ସେଥିମଧ୍ୟରୁ ସଭାପତି ପ୍ରାର୍ଥୀ କମଳଙ୍କ ସପକ୍ଷରେ ୧୨୪ଖଣ୍ଡ ଭୋଟ ପଡିଥିଲାବେଳେ ତାଙ୍କ ପ୍ରତିଦ୍ୱନ୍ଦୀ ଗଜେନ୍ଦ୍ର ପାତ୍ରଙ୍କ ସପକ୍ଷରେ ୪୦ ଖଣ୍ଡ ଭୋଟ ପଡିଥିଲା। ୭ଖଣ୍ଡ ଭୋଟ ନାକଚ ହୋଇଯାଇଥିଲା। କମଳ ତାଙ୍କ ପ୍ରତିଦ୍ୱନ୍ଦୀ ଗଜେନ୍ଦ୍ରଙ୍କ ଠାରୁ ୮୪ ଖଣ୍ଡ ଅଧିକ ପାଇ ବିଜୟୀ ହୋଇଛନ୍ତି। ସେହିପରି କୋଷାଧକ୍ଷ ପଦବୀରେ ରାଜେନ୍ଦ୍ର ବେକଙ୍କ ସପକ୍ଷରେ ୭୬ଖଣ୍ଡ ଭୋଟ ପଡିଥିଲାବେଳେ ତାଙ୍କ ପ୍ରତିଦ୍ୱନ୍ଦୀ ସରିତା ପଟେଲଙ୍କ ସପକ୍ଷରେ ୯୫ଖଣ୍ଡ ଭୋଟ ପଡିଥିଲା। ସରିତା ୧୯ ଖଣ୍ଡ ଅଧିକ ଭୋଟ ପାଇ ବିଜୟୀ ଘୋଷିତ ହୋଇଛନ୍ତି। ଉପ ସଭାପତି ପଦବୀରେ ବୁଧଦେବ ନାଏକ, ସମ୍ପାଦକ ପଦରେ ଅଶୋକ କୁମାର ସ୍ୱାଇଁ, ଯୁଗ୍ମ ସମ୍ପାଦକ ପଦରେ ପ୍ରଣବ କୁମାର ହାତୀ, କାର୍ଯ୍ୟକାରୀ କମିଟି ସଦସ୍ୟ ପଦବୀ ପାଇଁ ନିରଜ ସାମନ୍ତରାୟ ଓ ପ୍ରଭାତ କୁମାର ଚୌଧୁରୀ, କଲ୍ୟାଣ ପାଣ୍ଡି କମିଟି ସଦସ୍ୟ ପଦବୀ ପାଇଁ ଗୌତମ କୁମାର ହାତୀ, ବାଦଲ ଚୌଧୁରୀ, ସୁଶାନ୍ତ କୁମାର ସେଠୀ, ବିଦ୍ୟୁତ୍ ସିଂ ନାଏକ, ସୁନୀଲ କୁମାର ପଟେଲ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟକାରୀ କମିଟିର ୩ଟି ସଦସ୍ୟ ପଦବୀ ପୂରଣ ହୋଇପାରି ନାହିଁ। ବରିଷ୍ଠ ଆଇନଜୀବୀ ଧର୍ମେନ୍ଦ୍ର କୁମାର ପଟେଲ ନିର୍ବାଚନ ଅଧିକାରୀ ଭାବେ ଏହି ନିର୍ବାଚନ ପ୍ରକ୍ରିୟାକୁ ପରିଚାଳନା କରିଥିଲେ। ଆଇନଜୀବୀ ଅରୁଣ ଯୋଶୀ, ସୁଧୀର ପଟେଲ, ଗଣେଶ କୁମାର ନାଏକ ନିର୍ବାଚନ ପରିଚାଳନାରେ ସହଯୋଗ କରିଥିଲେ।

# ସୁନ୍ଦରଗଡ଼ ସରକାରୀ ମହିଳା ମହାବିଦ୍ୟାଳୟର ନୂତନ ଅଧକ୍ଷାଙ୍କ ଯୋଗଦାନ

ସୁନ୍ଦରଗଡ଼,୨୫।୩(ଡି.ଏନ୍.ଏ.)



ସୁନ୍ଦରଗଡ଼ ସରକାରୀ ମହିଳା ମହାବିଦ୍ୟାଳୟର ନୂତନ ଭାରପ୍ରାପ୍ତ ଅଧକ୍ଷା ଭାବେ ଡ.କୁମୁଦିନୀ ରାଉତରାୟ ଶନିବାର କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଏହା ପୂର୍ବରୁ ସେ ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ ଭୂତତ୍ତ୍ୱ ବିଜ୍ଞାନ ବିଭାଗର ସହକାରୀ ପ୍ରାଧାପିକା ଭାବେ କାର୍ଯ୍ୟରତ ଥିଲେ। ଅଧକ୍ଷା ଦାୟିତ୍ୱ ନେବା ପରେ ମହିଳା ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀମାନେ ତାଙ୍କୁ ପୁଷ୍ପଗୁଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଅଧକ୍ଷା ଡ.ରାଉତରାୟ ମହାବିଦ୍ୟାଳୟର ଶୈକ୍ଷିକ ବିକାଶ ଦିଗରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପ୍ରତ୍ୟେକ ଛାତ୍ରୀ ନିୟମିତ ମହାବିଦ୍ୟାଳୟ ଆସିବେ ଓ ନିଜର ଦାୟିତ୍ୱକୁ ଠିକ ଭାବେ ନିର୍ବାହ କରି ଅନୁଷ୍ଠାନର ଗୌରବ ବୃଦ୍ଧି ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ।

## ବାଇକ୍ ଉପରେ ଚଢ଼ିଗଲା ଭାରିଯାନ: ଯୁବକଙ୍କ ମୃତ୍ୟୁ

ବଡ଼ଗାଁ, ୨୫।୩(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ବାରମାଇଲ ଛକ ନିକଟରେ ଶନିବାର ସାଢ଼େ ସାତଟାରେ କୌଣସି ଭାରିଯାନ ବାଇକ୍ ଆରୋହୀଙ୍କ ଉପରେ ଚଢି ଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି। ସେ ହେଲେ ବଡ଼ଗାଁର ବିକି ସା(୨୬)। ସୂଚନା ଅନୁଯାୟୀ, ବିକି ତାଙ୍କ ମାମୁଁ ଘର କୁସୁନା ଗ୍ରାମକୁ କୌଣସି କାମରେ ଯାଇ ସେଠାରୁ ବଡ଼ଗାଁ ଆସୁଥିବାବେଳେ ଭାରିଯାନ ଧକ୍କା ଦେଇ ମୁଣ୍ଡରେ ଚଢିଯିବାରୁ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା।

# ଦେବଗଡ଼ରେ ହୋଇପାରିଲାନି ଓକିଲ ସଂଘ ନିର୍ବାଚନ

ଦେବଗଡ,୨୫।୩(ଡି.ଏନ.ଏ )

ଦେବଗଡ଼ରେ ହୋଇପାରିଲା ନାହିଁ ଓକିଲ ସଂଘ ନିର୍ବାଚନ। ରାଜ୍ୟର ବିଭିନ୍ନ ଜିଲାରେ ଶନିବାର ଓକିଲ ସଂଘ ବା ବାର ଆସୋସିଏସନର ନିର୍ବାଚନ ଅନୁଷ୍ଠିତ ହୋଇଥିବାବେଳେ ଦେବଗଡରେ ଏହା ସମ୍ଭବ ହୋଇନାହିଁ। ନିର୍ବାଚନ ପରିଚାଳନା ନିମନ୍ତେ ନିର୍ବାଚନ ଅଧିକାରୀ ହେବାକୁ ସଂଘର କୌଣସି ସଦସ୍ୟ ରାଜି ନ ହେବାରୁ ଏହି ସମସ୍ୟା ଦେଖାଦେଇଥିବା ଜଣାପଡିଛି। ଏନେଇ ଜିଲା ଓକିଲ ସଂଘ ସଭାପତି ସଚ୍ଚିକାନ୍ତ ଦାଶ ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ପଶ୍ଚିମ ଓଡିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗରେ ହରତାଳ କାରୀ ଓକିଲଙ୍କ ପ୍ରତି ଅବିଚାର ଏହାର ଅନ୍ୟତମ କାରଣ ବୋଲି ଆଲୋଚନା ହେଉଛି।

# ଜଳ ସମ୍ପର୍କିତ ଚିତ୍ରାଙ୍କନ ପ୍ରତିଯୋଗିତା

ରିଆମାଳ, ୨୫।୩(ଡି.ଏନ.ଏ )

ରିଆମାଳ ବ୍ଲକ ରିଆମାଳ କସ୍ତୁରବା ବାଳିକା ବିଦ୍ୟାଳୟରେ ଶନିବାର ଜଳ ସମ୍ପର୍କୀତ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧିନସ୍ଥ ଦେବଗଡ଼ ନେହେରୁ ଯୁବ କେନ୍ଦ୍ରର ପ୍ରଦୀପ କୁମାର ବିଶ୍ୱାଳଙ୍କ ଅଧକ୍ଷତାରେ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଏହି ପ୍ରତିଯୋଗିତାରେ ସୁଜାତା ବେହେରା, ପଦ୍ମିନୀ କିସାନ, ପ୍ରିୟଦର୍ଶିନୀ ନାୟକ, ଦ୍ରୌପଦୀ ପ୍ରଧାନ, ମମତା କିସାନ ପ୍ରଥମ, ଦିତୀୟ, ତୃତୀୟ, ଚତୁର୍ଥ, ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ପୁରସ୍କାର ବିତରଣ ଉତ୍ସବରେ ଶିକ୍ଷୟିତ୍ରୀ ସ୍ମୃତିଶ୍ରୀ ପ୍ରଧାନ, ଲିଲି ସାମଲ, ୱାର୍ଡେନ ଶୁଭଲକ୍ଷ୍ମୀ ମହାପାତ୍ର ପ୍ରମୁଖ ଯୋଗ ଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ।




କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

# ରାତିରେ ଘରେ ପଶି ହତ୍ୟା

- କୋଠରିରୁ ରକ୍ତ ଜୁଡୁବୁଡୁ ମୃତଦେହ ଜବତ
- ପୋଲିସ ଓ ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ



ପୋଲିସ ପହଞ୍ଚି ତଦନ୍ତ କରୁଛି।

ରିଆମାଳ,୨୫।୩(ଡି.ଏନ.ଏ.)

ରିଆମାଳ ଥାନା ମଳେହିପଡ଼ା ପଞ୍ଚାୟତ ଅନ୍ତର୍ଗତ ହରିହରପୁର ଗ୍ରାମରେ ଶନିବାର ସକାଳୁ ଜଣଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ପୋଲିସ ଜବତ କରଛି। ଶୁକ୍ରବାର ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ଗ୍ରାମର ଯୋଗୀନ୍ଦ୍ର ନାଗ(୫୫)ଙ୍କୁ ଘରେ ପଶି ହତ୍ୟା କରିଛନ୍ତି। ମୃତକଙ୍କ ଜଣେ ସମ୍ପର୍କୀୟ ଭଉଣୀ ରିଆମାଳ ଥାନା ପୋଲିସକୁ ଖବର ଦେଇଥିଲେ। ଖବରପାଇ ଥାନା ଅଧିକାରୀ ଲଳିତା ପ୍ରଧାନ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଛାନ୍‌ଭିନ୍ନ କରିଥିଲେ। ଘର ସମ୍ମୁଖରେ ତାଲା ପଡିଥିବା ଓ ରକ୍ତ ଦେଖି ସ୍ଥାନୀୟ ବାସିନ୍ଦା ସନ୍ଦେହ କରିଥିଲେ। ମୁହଁ ରକ୍ତରେ ଜୁଡୁବୁଡୁ ଥିବା ବେଳେ ଅସ୍ତ୍ରଶସ୍ତ୍ର ଦ୍ୱାରା ହତ୍ୟା ହୋଇଥିବା ଜଣାପଡ଼ିଛି। ଢେଙ୍କାନାଳରୁ ସାଇଣ୍ଟିଫିକ ଟିମ ପହଞ୍ଚିବା ସହ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଛନ୍ତି। ମାତ୍ର ଏଯାଏଁ କୌଣସି ସନ୍ଧାନ ମିଳି ନାହିଁ। ମୃତଦେହ ବ୍ୟବଚ୍ଛେଦ ପାଇଁ ଦେବଗଡ଼ ମେଡିକାଲ ନିଆଯିବ ବୋଲି ସୂଚନା ମିଳିଛି। ଯୋଗୀନ୍ଦ୍ର ହନୁମାନ ପଇସା ବିକ୍ରି ପାଇଁ ଡ୍ରିଲ କରୁଥିବା ବେଳେ ଗିରଫ ହୋଇ ଜେଲ ଯାଇଥିଲେ। ଜେଲରୁ ବାହାରି ଘରେ ରହୁଥିଲେ। କେଉଁ କାରଣ ପାଇଁ ହତ୍ୟାର ଶିକାର ହେଲେ ତାହା ପୋଲିସ ତଦନ୍ତରୁ ଜଣାପଡ଼ିବ। ତେବେ ଯୋଗୀନ୍ଦ୍ର ଘରେ ଏକୁଟିଆ ରହୁଥିବାବେଳେ ତାଙ୍କ ପୁଅ ବୋହୁ ଝାରସୁଗୁଡ଼ାରେ ରହୁଥିଲେ। ସେହିପରି କିଛି ବର୍ଷ ପୂର୍ବେ ଯୋଗୀନ୍ଦ୍ରଙ୍କ ସ୍ତ୍ରୀର ମୃତ୍ୟୁ ଘଟିଥିବାବେଳେ ଯୋଗୀନ୍ଦ୍ରଙ୍କୁ କିଏ କାହିଁକି ହତ୍ୟା କଲା ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଏନ୍‌ଟିପିସି ଦର୍ଲିପାଲି ତାପଜ ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ଏକ ମାଇଲଖୁଣ୍ଟ

ସୁନ୍ଦରଗଡ/ଲେଫ୍ରିପଡା,୨୫।୩(ଡି.ଏନ.ଏ.)




ସୁନ୍ଦରଗଡ ଜିଲାରେ ଥିବା ଏନ୍‌ଟିପିସି ଦର୍ଲିପାଲି ତାପଜ ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ପାଲଟିଛି। ୨୦୧୪ ରୁ ଆରମ୍ଭ ହୋଇଥିବା ଏହି ବୃହତ ତାପଜ ବିଦ୍ୟୁତ ପ୍ରକଳ୍ପର ୨ଟି ୟୁନିଟ ମଧ୍ୟରୁ ବାର୍ଷିକ ୧୬୦୦ ମେଗାୱାଟ ଲେଖାଏଁ ବିଦ୍ୟୁତ୍ ଉତ୍ପାଦନ ହେଉଛି। ବିଦ୍ୟୁତ୍ ଉତ୍ପନ୍ନ ସହିତ ପରିବେଶ ପରିଚାଳନା, ପ୍ରକଳ୍ପ ପ୍ରଭାବିତ ଓ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡିକରେ ବିଭିନ୍ନ ସାମୂହିକ ଗୋଷ୍ଠୀ ବିକାଶ କାର୍ଯ୍ୟକ୍ରମ ଏବଂ ପୁନର୍ବାସ ଓ ଥଇଥାନ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯାଉଛି ବୋଲି ଶନିବାର ଏନ୍‌ଟିପିସି ଦର୍ଲିପାଲି ଟାଉନସିପଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପ୍ରକଳ୍ପର ମହାପ୍ରବନ୍ଧକ ଏ.କେ ଟଣ୍ଡନ ପ୍ରକାଶ କରିଛନ୍ତି। ଏହି ପ୍ରକଳ୍ପରୁ ଉତ୍ପାଦିତ ବିଦ୍ୟୁତ୍ ମଧ୍ୟରୁ ୫୮ ପ୍ରତିଶତ ଓଡିଶା ରାଜ୍ୟକୁ ଦିଆଯାଉଥିଲାବେଳେ ବଳକା ଅନ୍ୟ ରାଜ୍ୟକୁ ବିତରଣ କରାଯାଉଥିବା ସେ ସୂଚନା ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ମହାପ୍ରବନ୍ଧକ ଟଣ୍ଡନ ଗଣମାଧ୍ୟମ ପ୍ରତିନିଧିଙ୍କ ସହିତ ଭାବବିନିମୟ କରି ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଏଚ.ଏନ ଚକ୍ରବର୍ତ୍ତୀ ଜିଏମ-ଓଏଣ୍ଡ ଏମ, ଟି ବାଗେଶ୍ୱର ଜିଏମ-ଟିଏସ, ଜିଏମ ଅର୍ଣ୍ଣବ ମିଶ୍ରା, ସୁଭାଷ ଠାକୁର, ବିଶାଳ ମାଥୁର ଓ ପ୍ରତିଭା ସିଂହ ଜିଏମ ମାନବ ସମ୍ବଳ ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ।

